# ମଡ୍ୟୁଲ – ୮
# ସମସାମୟୀକ ଅର୍ଥନୀତି ପ୍ରଚଳନ

୨୩. ପରିବେଶ ଓ ଧାରଣୀୟ ବିକାଶ

୨୪. ଖାଉଟି ସଚେତନତା

# ୨୩

# ପରିବେଶ ଓ ଧାରଣୀୟ ବିକାଶ

ପୂର୍ବ ଅଧ୍ୟାୟରେ ତୁମେମାନେ ଅର୍ଥନୈତିକ ବିକାଶ ଓ ଏହା କିପରି ଲୋକମାନଙ୍କର ଜୀବନର ଗୁଣାତ୍ମକମାନର ଉନ୍ନତି ବିଷୟରେ ପଢ଼ିଥିଲା । ମାନବର ଅଭାବକୁ ପୂରଣ କରିବା ପାଇଁ ହିଁ ଦ୍ରବ୍ୟ ଓ ସେବାର ଉତ୍ପାଦନ ହୋଇଥାଏ । ଦ୍ରବ୍ୟ ଓ ସେବାର ଉତ୍ପାଦନ ପାଇଁ ସମ୍ବଳର ଆବଶ୍ୟକତା ଉଭୟ ମଣିଷକୃତ ଓ ପ୍ରାକୃତିକ ସମ୍ବଳର ଆବଶ୍ୟକତା ହୋଇଥାଏ । ଅଧିକ ଦ୍ରବ୍ୟର ଉତ୍ପାଦନ ପାଇଁ ଅଧିକ ସମ୍ବଳର ବ୍ୟବହାର ହୋଇଥାଏ । ଉତ୍ପାଦନର ପ୍ରକ୍ରିୟାରେ ନା କେବଳ ସମ୍ବଳଗୁଡ଼ିକର ଉପଯୋଜନ ହୋଇଥାଏ ବରଂ ଅନ୍ୟ କେତେ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ । ଉଦାହରଣ ସ୍ୱରୂପ, କାରଖାନାରେ ଯେଉଁ ଦ୍ରବ୍ୟ ଉତ୍ପାଦନ ହୁଏ, ସେଗୁଡ଼ିକରୁ ଧୂଆଁ ନିର୍ଗତ ହୋଇ ଆମେ ଯେଉଁ ବାୟୁକୁ ନିଶ୍ୱାସରେ ଗ୍ରହଣ କରୁ ତାହା ପ୍ରଦୂଷିତ ହୋଇଥାଏ । ସେହିଭଳି ନାଳ ନର୍ଦ୍ଦମା ପାଣି ସବୁ ନଦୀକୁ ବିନ୍ୟାସ କରାଯାଉଛି ତାହା ଆମ ପିଇବା ପାଣିକୁ ପ୍ରଦୂଷିତ କରୁଛି । ଯେତେ ଦ୍ରବ୍ୟ ଓ ସେବାର ଚାହିଦା ବୃଦ୍ଧି ପାଇବ ସେତିକି ପରିମାଣର ସମ୍ବଳର ଚାହିଦା ମଧ୍ୟ ବୃଦ୍ଧି ପାଇବ । ଫଳସ୍ୱରୂପ ଆମର ସମ୍ବଳଗୁଡ଼ିକ ଧୀରେ ଧୀରେ କ୍ଷୟ ହୋଇଯିବ ଓ ଏହାର କ୍ଷତି ଆଉ ସଜାଡ଼ି ହୋଇପାରିବ ନାହିଁ । ଆମେ ଯେତେ ଜଙ୍ଗଲ କାଟି ସଫା କରିବୁ ବାୟୁ ପ୍ରଦୂଷିତ ସହିତ ନଦୀର ଜଳ ମଧ୍ୟ ସେତେ ପ୍ରଦୂଷିତ ହେବ, ଖଣି କାରଖାନା ଦ୍ୱାରା ସେତେ ଆମେ ଆମର ପ୍ରକୃତିକୁ ନଷ୍ଟ କରିବୁ । ଏହା ମାନବ ସମାଜର ଜୀବନଯାପନ ଉପରେ କୁପ୍ରଭାବ ପକାଇବ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେମାନେ ଜାଣିପାରିବ –

- ପରିବେଶର ଅର୍ଥ ଓ ଗୁରୁତ୍ୱ ;
- ବିଭିନ୍ନ ପ୍ରାକୃତିକ ସମସ୍ୟା ଯଥା ପ୍ରଦୂଷଣ ଓ ସମ୍ବଳର କ୍ଷୟକ୍ଷତି ;
- ଧାରଣୀୟ ବିକାଶ କ'ଣ ଏବଂ
- କିଭଳି ଧାରଣୀୟ ବିକାଶ ଲାଭ କରିହେବ ।

## ୨୩.୧ ପରିବେଶ – ଏହାର ଅର୍ଥ ଓ ଗୁରୁତ୍ୱ

ପରିବେଶ କହିଲେ ଭୂପୃଷ୍ଠରେ ତାର ନିମ୍ନ ଓ ଉର୍ଦ୍ଧ୍ୱ ସୀମାରେ ଜୀବନ ଥିବା ଓ ଜୀବନ ନଥିବା ଜିନିଷ ଆଦି ସମସ୍ତ ପ୍ରାକୃତିକ ଉପାଦାନର ସମଷ୍ଟିକୁ ବୁଝାଇଥିବା ପରିବେଶ ବିଭିନ୍ନ ଉପାଦାନମାନଙ୍କୁ ଜୀବ ଓ ଜୀବ ଜଗତ –

ଏହିଭଳି ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ପୂର୍ବୋକ୍ତ ଜୀବ ଥିବା ଉପାଦାନ କହିଲେ ମଣିଷ, ବୃକ୍ଷଲତା, ପଶୁପକ୍ଷୀ, ଜଙ୍ଗଲ ଇତ୍ୟାଦି ସମସ୍ତ ଜୀବସତ୍ତାମାନଙ୍କର ସମାହାରକୁ ବୁଝାଉଥିଲାବେଳେ ପରୋକ୍ତ ବା ଜଡ଼ ଉପାଦାନରେ ଜଳବାୟୁ, ଶିଳା, ସୂର୍ଯ୍ୟ, ପର୍ବତ ଆଦିକୁ ଅର୍ନ୍ତଭୁକ୍ତ କରିଥାଏ । ଜଙ୍ଗଲ ଓ ଉର୍ବରତା ବିଶିଷ୍ଟ ପୃଥିବୀ ପୃଷ୍ଠର ମୃତ୍ତିକା, ସୂର୍ଯ୍ୟ ଇତ୍ୟାଦିର ସମାହାରକୁ ବୁଝାଇଥାଏ । ଏହି ଦୁଇ ଉପାଦାନମାନଙ୍କ ପରସ୍ପର ସମ୍ପର୍କର ଜୀବ ଓ ଜଡ଼ ବିଷୟରେ ଜାଣିବାକୁ ହିଁ ପରିବେଶ ଉପାଦାନ ବୋଲି କୁହାଯାଏ ।

## ପରିବେଶର ଗୁରୁତ୍ୱ

୧. ପରିବେଶ ଆମକୁ ବିଭିନ୍ନ ପ୍ରକାରର ସମ୍ବଳ ଦେଇଥାଏ ଉଭୟ ପୁନରୁଦ୍ଧାରକ୍ଷମ ଏବଂ ଅପୁନରୁଦ୍ଧାରକ୍ଷମ । ପୁନରୁଦ୍ଧାରକ୍ଷମ ସମ୍ବଳ ସେହି ସମ୍ବଳଗୁଡ଼ିକୁ କୁହାଯାଏ ଯାହା ସମୟକ୍ରମେ ସହଜରେ ହୋଇଥାଏ ଓ କ୍ଷୟକୁ ଆଉଥରେ ପୂରଣ କରିହେବ । ତେଣୁ ଏଭଳି ସମ୍ବଳ କେବେହେଲେ କ୍ଷୟ ହେବନାହିଁ ଓ ବାରମ୍ବାର ବ୍ୟବହାର କରିହେବ । ଉଦାହରଣ – ଜଙ୍ଗଲରେ ଥିବା ଗଛ, ମହାସାଗରରେ ଥିବା ମାଛଗୁଡ଼ିକ ଇତ୍ୟାଦି । ଅନ୍ୟପକ୍ଷରେ ଅପୁନରୁଦ୍ଧାରକ୍ଷମ ସମ୍ବଳ ସେହି ସମ୍ବଳଗୁଡ଼ିକୁ ବୁଝାଏ ଯାହା ବ୍ୟବହାର ହେଉହେଉ କାଳକ୍ରମେ କ୍ଷୟ ବା ନିଃଶେଷ ହୋଇଯିବ । ଉଦାହରଣ – ଜୀବାଶ୍ମ ଇନ୍ଧନ ଏବଂ ଅଜୈବ ଖଣିଜ ପଦାର୍ଥ ଯଥା କୋଇଲା, ଭୂଗର୍ଭସ୍ଥ ତେଲ ପ୍ରାକୃତିକ ବାଷ୍ପ ଇତ୍ୟାଦି । ତେଣୁ ଏପରି ସମ୍ବଳକୁ ଭବିଷ୍ୟତ ବଂଶଧରମାନଙ୍କ ଚାହିଦାକୁ ଆଖିଆଗରେ ରଖି ସତର୍କ ଭାବରେ ବ୍ୟବହାର କରିବା ଉଚିତ୍ ।

### ? ତୁମେ ଜାଣ କି

ବର୍ତ୍ତମାନର ଗଣନା ଅନୁଯାୟୀ ୫୦ ରୁ ୭୫ ବର୍ଷ ମଧ୍ୟରେ ଆମ ପୃଥିବୀର ସବୁ କୋଇଲା, ତେଲ, ପ୍ରାକୃତିକ ଗ୍ୟାସ୍ ଏବଂ ୟୁରାନିୟମ – ୨୩୫ର ଜମା ଯାହା ହେଉଛି ଆମର ବର୍ତ୍ତମାନ ଶକ୍ତିର ଉତ୍ସ ସବୁ ଶେଷ ହୋଇଯିବ ।

୨. ପରିବେଶ ହିଁ କ୍ଷତିକାରକ ବର୍ଜ୍ୟବସ୍ତୁ ଓ ଉତ୍ପାଦନରେ ବ୍ୟବହୃତ ହୋଇଥିବା ବର୍ଜ୍ୟବସ୍ତୁ ସବୁକୁ ଧାରଣ କରିଥାଏ । ଯାନବାହନ, ଚିମିନିରୁ ବାହାରୁଥିବା ଧୂଆଁ ଓ ଧୂଳିକଣା, ନଗରରୁ ଆସୁଥିବା ନର୍ଦ୍ଦମା ପାଣି, ବିଭିନ୍ନ ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ଇତ୍ୟାଦି ସବୁକୁ ପରିବେଶ ଧାରଣ କରିଥାଏ । ପରିବେଶ ଦ୍ୱାରା ଏହି କ୍ଷତିକାରକ ବର୍ଜ୍ୟବସ୍ତୁଗୁଡ଼ିକ ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟାକୁ ପ୍ରଥମେ ଧାରଣ କରି ତାପରେ ପରିଷ୍କାର କରାଯାଏ ଓ ଏହାକୁ ଆଉଥରେ ବ୍ୟବହାର ସାପେକ୍ଷ ହୋଇଥାଏ ।

୩. ପରିବେଶ ଜୀବ ବିଭିନ୍ନତା ମଧ୍ୟ ଆମ ଜୀବନକୁ ଧାରଣ କରିଥାଏ । ବିଭିନ୍ନ ଜୀବ ପ୍ରକାର ଉପରେ ପରିବେଶର ଚାପ ଯୋଗୁଁ ଗୁଣସୂତ୍ର ବିଭିନ୍ନତା ସୃଷ୍ଟି ହୋଇଥାଏ ଯାହା ଜୀବନକୁ କିପରି ନୂତନ ପରିବେଶରେ ନିଜକୁ ଖାପଖୁଆଇ ଚଳିବାକୁ ହେବ ଏବଂ କଠୋର ପରିବେଶ ମଧ୍ୟରେ ନିଜକୁ ବଞ୍ଚେଇ ରଖିପାରିବ । ତେଣୁ ପରିବେଶ ବିଭିନ୍ନ ଜୀବ ପ୍ରକାର ସୃଷ୍ଟି କରିଥାଏ ଓ ଜଡ଼ ଜଗତ ସହ ଏହାର ସମ୍ପର୍କ ସ୍ଥାପନ କରିଥାଏ ଏବଂ ଜୀବନ ଧାରଣ କରିଥାଏ । ସେଥିପାଇଁ ଜୀବ ପ୍ରକାରକୁ ସଂରକ୍ଷଣ କରି ରଖିବା ପାଇଁ ଆମ ପରିବେଶକୁ ସଂରକ୍ଷିତ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

୪. ପରିବେଶ କେବଳ ଜୈବିକ ଗୁରୁତ୍ୱ ଅଛି ତାହା ନୁହେଁ ଏହା ମଧ୍ୟ ସୁନ୍ଦର ବାତାବରଣ ମଧ୍ୟ ସୃଷ୍ଟି କରିଥାଏ । ଯେଉଁ ପ୍ରାକୃତିକ ଦୃଶ୍ୟ ଓ ସୌନ୍ଦର୍ଯ୍ୟ ଏହା ସୃଷ୍ଟି କରିଛି ତାହାର ମୂଲ୍ୟ କେହି ଦେଇ ପାରିବେ ନାହିଁ । ଏହା ସାରା ବିଶ୍ୱର ମାନବ ସଭ୍ୟତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

## ପାଠଗତ ପ୍ରଶ୍ନାବଳୀ ୨୩.୧

୧. 'ପରିବେଶ'ର ଅର୍ଥ କ'ଣ ?

୨. ପରିବେଶର ଦୁଇଟି ଉପାଦାନର ନାମ ଲେଖ ।

୩. ଦୁଇଟି ପୁନରୁଦ୍ଧାରକ୍ଷମ ଓ ଅପୁନରୁଦ୍ଧାରକ୍ଷମ ସମ୍ବଳଗୁଡ଼ିକର ନାମ ଲେଖ ।

## ୨୩.୨ ପରିବେଶ ଜନିତ ସମସ୍ୟା

ମାନବ ସଭ୍ୟତାର ଉନ୍ନତି ସହ ମାନବ ଅଭାବର ମଧ୍ୟ ବିଭିନ୍ନତା ଓ ପ୍ରସାରଣ ଦେଖାଦେଇଛି । ଏଥିପାଇଁ ପ୍ରାକୃତିକ ସମ୍ବଳର କ୍ଷିପ୍ରଗତିରେ ହୋଇଥାଏ । ତେଣୁ ଏହାର ଉପଯୋଜନ ଅତି ଆବଶ୍ୟକ । ଏହି ପ୍ରକ୍ରିୟାରେ ପ୍ରାକୃତିକ ସମ୍ବଳର ଅତ୍ୟଧିକ ଉପଯୋଜନ ଦ୍ୱାରା ପରିବେଶର ସନ୍ତୁଳନ ନଷ୍ଟ ହୁଏ ଯଦ୍ୱାରା ଭୂପୃଷ୍ଠରେ ଜୀବନ ଧାରଣ ଓ ପ୍ରଜନନ ପ୍ରକ୍ରିୟା ପ୍ରଭାବିତ ହେବା ସହ ଭବିଷ୍ୟତ ବଂଶଧରମାନଙ୍କର ଜୀବନ ସଙ୍କଟାପର୍ଣ୍ଣ ହୁଏ । ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ, ବାୟୁମଣ୍ଡଳର ବାଷ୍ପୀୟ ସଂରଚନାରେ ପରିବର୍ତ୍ତନ, ପରିବେଶ ଅବକ୍ଷୟର କେତେଗୋଟି ନମୁନାମାତ୍ର । ନିମ୍ନ ଆଲୋଚନାରୁ ତୁମେମାନେ ଜାଣିବ ପରିବେଶର ସମସ୍ୟା ଉପରେ ଓ ବୁଝିପାରିବ ଆମ ଅର୍ଥନୀତି ଓ ପୃଥିବୀ ଗ୍ରହରେ ପଡୁଥିବା ଏହାର ଚାପର ଗୁରୁତ୍ୱ ।

### ୨୩.୨.୧ ପ୍ରଦୂଷଣ

ପ୍ରାକୃତିକ ସମ୍ବଳର ଗୁଣରେ ଘଟୁଥିବା କିଛି ନଚାହୁଁଥିବା ପରିବର୍ତ୍ତନକୁ ପ୍ରଦୂଷଣ କୁହାଯାଏ । ଏହା ଆମ ଜୀବନକୁ କ୍ଷତି କରିବା ସଙ୍ଗେ ସଙ୍ଗେ ଦୀର୍ଘ ସମୟ ପରେ ଏହା ଜୀବନଶୈଳୀକୁ ପରିବର୍ତ୍ତିତ କରିଥାଏ । ପ୍ରଦୂଷଣ ସେଥିପାଇଁ ଜୀବମାନଙ୍କର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

ଏକ ପ୍ରଦୂଷିତ କରିବା ପଦାର୍ଥ ଦ୍ୱାରା ପ୍ରଦୂଷଣ ହୋଇଥାଏ । ଏହା ଏକ ବର୍ଜ୍ୟବସ୍ତୁ ବା ପଦାର୍ଥ ହୋଇପାରେ ଯାହା ଆମର ପ୍ରାକୃତିକ ସମ୍ବଳ ଓ ଜୈବ ସମାଜରେ ନଚାହୁଁଥିବା ପରିବର୍ତ୍ତନ କରିପାରେ । ଧୂଆଁ, ଧୂଳିକଣା, ବିଷାକ୍ତ ଗ୍ୟାସ୍, ଶିଳ୍ପରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁ, ନର୍ଦ୍ଦମା ପାଣି ଇତ୍ୟାଦି ପରିବେଶକୁ ପ୍ରଦୂଷିତ କରିବା ପଦାର୍ଥର କିଛି ଉଦାହରଣ ମାତ୍ର । ଏହାଛଡ଼ା ଏହି ମାନବୀୟ କାର୍ଯ୍ୟକଳାପ ଦ୍ୱାରା ଧରାପୃଷ୍ଠରେ ଉତ୍ତାପ ବୃଦ୍ଧି, ଶବ୍ଦ ପ୍ରଦୂଷଣ ଭଳି ବିଭିନ୍ନ ପ୍ରକାରରେ ଜୀବଜଗତର କ୍ଷତି କରିଥାଏ ।

#### ୨୩.୨.୧.୧ ବାୟୁ ପ୍ରଦୂଷଣ

ବାୟୁ ପ୍ରଦୂଷଣ ହେଉଛି ରାସାୟନିକ ପଦାର୍ଥରୁ ନିର୍ଗତ ଉପାଦାନ ବା ଜୈବ ଦ୍ରବ୍ୟ ଯାହା ମାନବୀୟ ଓ ପ୍ରାକୃତିକ ପରିବେଶକୁ ନଷ୍ଟ କରିଥାଏ ।





ଶିଳ୍ପାୟାନ, ଗମନାଗମନ ଓ ପରିବହନରେ ଅଗ୍ରଗତି ଯୋଗୁଁ ଯେଉଁ ରାସାୟନିକ ଦ୍ରବ୍ୟ, ଜୈବ ଦ୍ରବ୍ୟ ନିର୍ଗତ ହୁଏ ତାହା ଜୀବଜଗତର କ୍ଷତି କରିଥାଏ । ମୁଖ୍ୟ ବାୟୁ ପ୍ରଦୂଷିତ କରୁଥିବା ପଦାର୍ଥ ହେଲା – ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ, ଅକ୍ସାଇଡ୍, କାରବନ୍ ମୋନକ୍ସାଇଡ୍, ଅଙ୍ଗାରକାମ୍ଳ (ଯାହାକି ମୁଖ୍ୟ ସବୁଜ ଗୃହ ବାଷ୍ପ) ବିଷାକ୍ତ ଧୂଆଁ ଏବଂ କଣିକା ପଦାର୍ଥ ।

**? ତୁମେ ଜାଣ କି**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରତିବର୍ଷ ୨.୪ ନିୟୁତ ଲୋକ ପ୍ରାଣ ହରାଉଛନ୍ତି । ବିଶ୍ୱସାରା ପ୍ରତିବର୍ଷ ମୃତ୍ୟୁ ଯାନବାହନ ଦୁର୍ଘଟଣାଠାରୁ ଅଧିକ ବାୟୁ ପ୍ରଦୂଷଣ ଯୋଗୁଁ ହେଉଅଛି ।

## ବାୟୁ ପ୍ରଦୂଷଣର ପ୍ରଭାବ

ବାୟୁ ପ୍ରଦୂଷଣ ଦ୍ୱାରା ଆମ ସ୍ୱାସ୍ଥ୍ୟରେ ବହୁତ କ୍ଷତି ହୋଇଥାଏ । ଏହା ମନୁଷ୍ୟର ବୃକକ୍ ଓ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥାଏ ଫଳରେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ ହୋଇଥାଏ । ଏହା ସହରାଞ୍ଚଳ ଲୋକମାନଙ୍କୁ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ କରିଥାଏ । ଏହାର ପ୍ରଭାବରେ ଲୋକମାନେ ଅଧିକ ସଂଖ୍ୟାରେ ଚିକିତ୍ସାଳୟରେ ଭର୍ତ୍ତି ହେଉଥାନ୍ତି । ଔଷଧ ବ୍ୟବହାର ପରିମାଣରେ ମଧ ବୃଦ୍ଧି ହୋଇଥାଏ ଏବଂ ଫଳରେ ଅପମୃତ୍ୟୁ ଘଟିଥାଏ ।

### ବାୟୁ ପ୍ରଦୂଷଣର ଉତ୍ସ

ବାୟୁ ପ୍ରଦୂଷଣର ମୁଖ୍ୟ ମଣିଷକୃତ (କୃତ୍ରିମ) ଉତ୍ସଗୁଡ଼ିକ ହେଉଛି –

- କଳକାରଖାନା, ଚୁଲି, ଫୁର୍ନେସେସ ଇତ୍ୟାଦିରୁ ନିଷ୍କାସିତ ଧୂଆଁ ।
- ଗାଡ଼ି, ମୋଟର, ଜାହାଜ, ଉଡ଼ାଜାହାଜ, ବସ ପ୍ରଭୃତି ଯାନବାହାନ ଚଳାଚଳରୁ ବାହାରୁଥିବା ଧୂଆଁ ଓ ଧୂଳିକଣା ।
- ରାସାୟନିକ ଯେପରିକି ସାର ଓ କୀଟନାଶକ ଔଷଧ, କୃଷିକ୍ଷେତ୍ରରୁ ନିର୍ଗତ ଧୂଳିକଣା ଏବଂ ଅନ୍ୟାନ୍ୟ କୃଷି ଅଭ୍ୟାସ ।
- ରଙ୍ଗ, ମୁଣ୍ଡରେ ବ୍ୟବହାର ହେଉଥିବା ସ୍ପ୍ରେ, ବାର୍ନିସ୍, ଏରୋସୋଲ ସ୍ପ୍ରେ ପ୍ରଭୃତିରୁ ନିଷ୍କାସିତ ବାଷ୍ପ ।
- ଜଳପୂରିତ ଜମିରୁ ମିଥେନ୍‌ଗ୍ୟାସ୍ ନିର୍ଗତ ହୋଇ ଧରାପୃଷ୍ଠକୁ ଉତ୍ତପ୍ତ କରିଥାଏ ଯାହାଦ୍ୱାରା ଆର୍ନ୍ତଜାତିକ ଉତ୍ତପ୍ତ ସୃଷ୍ଟି ହୋଇଥାଏ ।

ବାୟୁ ପ୍ରଦୂଷଣର ମୁଖ୍ୟ ପ୍ରାକୃତିକ ଉତ୍ସ ହେଉଛି –

- ପ୍ରାକୃତିକ ଉତ୍ସ ପ୍ରାୟତଃ ଅନୁର୍ବର ଜମିରୁ ବାହାରୁଥିବା ଧୂଳିକଣା ।
- ଗୋରୁଗାଈଙ୍କର ଖାଦ୍ୟ ହଜମ ପ୍ରକ୍ରିୟାରୁ ନିଷ୍କାସିତ ମିଥେନ୍ ଗ୍ୟାସ୍ ।

- ଜଙ୍ଗଲି ନିଆଁରୁ ନିର୍ଗତ ହେଉଥିବା ଧୂଆଁ, କଣିକା ପଦାର୍ଥ ଏବଂ କାର୍ବନ ମୋନକସାଇଡ୍ ।
- ଆଗ୍ନେୟଗିରିରୁ ନିସୃତ ହେଉଥିବା ସଲଫର, କ୍ଲୋରିନ୍ ଏବଂ ପାଉଁଶ କଣିକା ।

## ୨୩.୨.୧.୨ ଜଳ ପ୍ରଦୂଷଣ

ନଦୀ, ସାଗର, ହ୍ରଦ, ଭୂତଳ ଜଳ ଆଦି ଜଳରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିଷ୍କାସିତ ହେଉଥିବା ବିଷାକ୍ତ ପଦାର୍ଥ ଯୋଗୁଁ ଜଳ ପ୍ରଦୂଷିତ ହୋଇଥାଏ । ଜଳ ବିଶୋଧନ ପ୍ରକ୍ରିୟାରେ ଜଳରୁ ଏହି ବିଷାକ୍ତ ପଦାର୍ଥ ଅଲଗା କରିବା ସମ୍ଭବ ହୁଏ ନାହିଁ । ଜଳ ପ୍ରଦୂଷଣର ମୁଖ୍ୟ ଉତ୍ସଗୁଡ଼ିକ ହେଉଛି ରସାୟନ ଶିଳ୍ପ ଏବଂ ଏହାଠାରୁ ନିର୍ଗତ ବର୍ଜ୍ୟବସ୍ତୁ, ମଇଳା ଆବର୍ଜନା, ସୋରେଜ, କଳକାରଖାନାରେ ବ୍ୟବହାର ହୋଇଥିବା ଜଳ ଇତ୍ୟାଦି ।

### ଜଳ ପ୍ରଦୂଷଣର ପ୍ରଭାବ

ପ୍ରଦୂଷିତ ଜଳ ବ୍ୟବହାର କଲେ ମହାମାରୀ ହଇଜା, ଟାଇଫୋଏଡ୍ ଓ ଝାଡାବାନ୍ତି ଆଦି ଜଳବାହିତ ରୋଗ ବ୍ୟାପିଥାଏ । ଏହା ମଣିଷ ଓ ଜୀବଜନ୍ତୁକୁ ଏକାଭଳି କ୍ଷତି କରିଥାଏ । ଜଳର ରାସାୟନିକ ଉପାଦାନ ମଧ୍ୟ ଜଳ ପ୍ରଦୂଷଣ ଯୋଗୁଁ ପ୍ରଭାବିତ ହୋଇଥାଏ । ଜଳ ପ୍ରଦୂଷଣ କରୁଥିବା ପଦାର୍ଥ ଯେପରିକି ବିଷାକ୍ତ ରାସାୟନିକ ଜଳର ଏସିଡ୍ ଉପାଦାନ ଉତ୍ତାପ ବଦଳେଇବାର କ୍ଷମତା ଓ ଜଳ ତାପମାତ୍ରାକୁ ପରିବର୍ତ୍ତନ କରିପାରିବ । ଏହା ଫଳରେ ଜଳଜୀବମାନଙ୍କର ଜୀବନ ସଂକଟାପନ୍ନ ହୁଏ । ଏହାକୁ ପାନୀୟ ହିସାବରେ ବ୍ୟବହାର କରୁଥିବା ମଣିଷ ପଶୁପକ୍ଷୀ, ମତ୍ସ୍ୟ ଓ ନାନାଦି ଜଳଜୀବ ମରି ଭାସନ୍ତି । ଏହାଦ୍ୱାରା ଆମର ପରିବେଶର ସନ୍ତୁଳନ ନଷ୍ଟ ହୋଇଥାଏ ।

### ଜଳ ପ୍ରଦୂଷଣର ମୁଖ୍ୟ ଉତ୍ସ

ଜଳ ପ୍ରଦୂଷଣର ମୁଖ୍ୟ ଉତ୍ସଗୁଡ଼ିକ ହେଲା –

- ସହର ଓ ନଗରରେ ଥିବା ନଳା ପାଇପ ପ୍ରଭୃତିରୁ ବିନ୍ୟାସିତ ହୋଇଥିବା ମଇଳା ଆବର୍ଜନା ।
- କଳକାରଖାନାମାନଙ୍କରୁ ଅନାବଶ୍ୟକ ନିଷ୍କାସିତ ପଦାର୍ଥ ତରଳାକାରରେ ନଦୀ, କେନାଲ ବା ପୁଷ୍କରିଣୀକୁ ଛାଡ଼ି ଦିଆଯାଏ ।
- କୃଷି କ୍ଷେତ୍ରରେ ପ୍ରୟୋଗ କରାଯାଉଥିବା ରାସାୟନିକ ସାର, ପୋକମରା ଔଷଧ ପାଣିରେ ମିଶି ଭୂତଳ ଜଳସ୍ତରକୁ ପ୍ରଦୂଷଣ କରେ ।
- ଝଡ଼ ପ୍ରଦୂଷିତ ଜଳ ଯାହାକି ସହରରେ ଥିବା ନାଳ ସହିତ ମିଶିଥାଏ ।
- ଭୂଗର୍ଭରେ ଯେଉଁ ଆଣବିକ ପରୀକ୍ଷା କରାଯାଏ ସେହିଠାରୁ ନିଷ୍କାସିତ ହେଉଥିବା ବିକିରଣଶୀଳ ତରଙ୍ଗ, ଭୂ–ଆଭ୍ୟନ୍ତରସ୍ଥ ଜଳକୁ ପ୍ରଦୂଷିତ କରିଥାଏ ।
- ଟ୍ୟାଙ୍କର ବା ଜାହାଜରେ ଥିବା ଛିଦ୍ର ଯୋଗୁଁ ଉଛୁଳି ପଡ଼ିଥିବା ତେଲ ।
- ତେଲ ଟାଙ୍କିରୁ ଢ଼ାଳିବା ବେଳେ ତୈଳ ନିର୍ଗତ ।
- ଜଳସ୍ତରରେ ଶିଉଳିର ବୃଦ୍ଧି ।

## ୨୩.୨.୧.୩ ଶବ୍ଦ ପ୍ରଦୂଷଣ

ପରିବେଶରେ ଉତ୍କଟ ଧ୍ୱନି, ଅତ୍ୟଧିକ ଉଚ୍ଚ କୋଳାହଳ ଯାହାଦ୍ୱାରା ମାନବ ବା ପଶୁ ଜୀବନର ସନ୍ତୁଳନ ବାଧାପ୍ରାପ୍ତ ହୋଇଥାଏ, ଏହାକୁ ଶବ୍ଦ ପ୍ରଦୂଷଣ ବୋଲି କୁହାଯାଏ ।

### ଶବ୍ଦ ପ୍ରଦୂଷଣର ପ୍ରଭାବ

ଶବ୍ଦ ପ୍ରଦୂଷଣ ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୁଏ । ଏହା ଉଭୟ ଆମ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ । ଶବ୍ଦ ପ୍ରଦୂଷଣ ଯୋଗୁଁ ଏକ ଚିଡ଼୍‌ଚିଡ଼ା ଭାବ, ଆକ୍ରମଣଶୀଳ ଭାବ, ଅତ୍ୟଧିକ ଚିନ୍ତାଗ୍ରସ୍ତ, ମାନସିକ ଚାପ, ଶ୍ରବଣ–ଶକ୍ତିରେ ହ୍ରାସ, ନିଦ ନହେବା ଏପରି ଅନ୍ୟ କେତେ କ୍ଷତିକାରକ ପ୍ରଭାବ ସୃଷ୍ଟି ହୋଇଥାଏ । ଦୀର୍ଘ ସମୟ ଧରି ଶବ୍ଦ ପ୍ରଦୂଷଣ ପ୍ରତି ଉନ୍ମୁକ୍ତ ହେଲେ ଏହା ଶବ୍ଦ ଶୁଣିବା ଜନିତ ରୋଗ ସୃଷ୍ଟି କରେ ଏବଂ ଅନ୍ୟାନ୍ୟ କ୍ଷତିକାରକ ପ୍ରଭାବ ମଧ ସୃଷ୍ଟି କରିଥାଏ । ଶବ୍ଦ ଜନିତ ବୃତ୍ତିରେ ଯେଉଁଲୋକମାନେ ନିୟୋଜିତ ଥାଆନ୍ତି ସେମାନଙ୍କ ମଧ୍ୟରେ ଶୁଣିବା ଶକ୍ତି ହ୍ରାସ ଘଟିଥାଏ । ଉଚ୍ଚ ଓ ଅତିଉଚ୍ଚସ୍ତରର ଶବ୍ଦ ଲୋକମାନଙ୍କୁ ହୃଦ୍‌ଘାତ, ଉର୍ଦ୍ଧ୍ୱ ରକ୍ତଚାପ ରୋଗରେ ପୀଡ଼ିତ କରିଥାଏ ଯାହାକି ଅତ୍ୟଧିକ ମାନସିକ ଚାପ ସୃଷ୍ଟି କରି ଲୋକମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ ।

### ଶବ୍ଦ ପ୍ରଦୂଷଣର ଉତ୍ସ

ଶବ୍ଦ ପ୍ରଦୂଷଣର ମୁଖ୍ୟ ଉତ୍ସଗୁଡ଼ିକ ହେଲା –

- ଗାଡ଼ି, ମୋଟର, ବସ୍, କାର, ଉଡ଼ାଜାହାଜ, ରେଳ ଇତ୍ୟାଦିର ଧ୍ୱନି ।
- କଳାକାରଖାନାମାନଙ୍କରେ ହେଉଥିବା ବିଭିନ୍ନ ଶିଳ୍ପାୟନ ପ୍ରକ୍ରିୟା ଯେପରିକି ପଥରକୁ ଛେଚି ଗୁଣ୍ଡ କରିବା, ଷ୍ଟିଲର ପ୍ଲେଟ୍ ତିଆରି କରିବା, କାଠ କାଟିବା, ଛାପିବା ଇତ୍ୟାଦି ।
- ରାସ୍ତା, ପୋଲ, ଅଟାଳିକା ଇତ୍ୟାଦିର ନିର୍ମାଣ କାର୍ଯ୍ୟ ।
- ଘରେ ବ୍ୟବହୃତ ହେଉଥିବା ଟିଭି, ଟେପରେକର୍ଡର ଇତ୍ୟାଦି ।
- ଖାଉଟି ଦ୍ରବ୍ୟ ଯେପରିକି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ରେଫ୍ରିଜେରେଟର ଇତ୍ୟାଦି ।

ଉପରୋକ୍ତ ଭାଗରେ ତୁମେମାନେ ବିଭିନ୍ନ ପ୍ରକାରର ପ୍ରଦୂଷଣ ତାର ଉତ୍ସ ଏବଂ ପ୍ରଭାବ ବିଷୟରେ ପଢ଼ିଲ । ତୁମକୁ ଓ ତୁମ ପରିବାରକୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରକାର ପ୍ରଦୂଷଣର ତାଲିକା କର । କେଉଁ କେଉଁ ପଦକ୍ଷେପ ତୁମେ ତୁମର ପରିବାର ଓ ସମାଜ ପାଇଁ ଗ୍ରହଣ କରିବ ଏହାର ପ୍ରତିକାର ନିମିତ୍ତ ।

### ପାଠଗତ ପ୍ରଶ୍ନାବଳୀ ୨୩.୨

୧. ପ୍ରଦୂଷଣ କରୁଥିବା ପଦାର୍ଥଗୁଡ଼ିକ କ'ଣ ?

୨. ବାୟୁ ପ୍ରଦୂଷଣର ଦୁଇଟି ଉତ୍ସର ନାମ ଲେଖ ।



ଟିପ୍ପଣୀ

୩. ଜଳ ପ୍ରଦୂଷଣର ଦୁଇଟି କ୍ଷତିକାରକ ପ୍ରଭାବ ଲେଖ ।

୪. ଶବ୍ଦ ପ୍ରଦୂଷଣ କହିଲେ କ'ଣ ବୁଝ ?

## ୨୩.୨.୨ ଅବକ୍ଷୟ

ନିମ୍ନଭାଗରେ ତୁମେମାନେ ଦୁଇ ଭିନ୍ନ ପ୍ରକାରର ଅବକ୍ଷୟ ଜନିତ ମୃତ୍ତିକା ଓ ପ୍ରାକୃତିକ ଆବାସର ଅବକ୍ଷୟ ବିଷୟରେ ପଢ଼ିବ ।

### ୨୩.୨.୨.୧ ମୃତ୍ତିକା ଅବକ୍ଷୟ

ମୃତ୍ତିକା ପ୍ରକୃତିରେ ହେଉଥିବା ଅବାଞ୍ଛନୀୟ ବା କ୍ଷତିକାରକ ପରିବର୍ତ୍ତନକୁ ମୃତ୍ତିକାର ଅବକ୍ଷୟ ବୋଲି କୁହାଯାଏ । ଏହା ଏକ ନିର୍ଦ୍ଦିଷ୍ଟ ସ୍ଥାନର ଉଦ୍ଭିଦ ଓ ପଶୁ ପ୍ରଜାତିରେ ପରିବର୍ତ୍ତନ ସୃଷ୍ଟି କରିଥାଏ ଯାହାକି ସେହି ଜାଗାର ମୃତ୍ତିକାର ପ୍ରକୃତି ଓ ଉତ୍ପାଦନର କ୍ଷମତାକୁ ହ୍ରାସ କରିଥାଏ । ଏହି ଅଧୋଗତି ଯୋଗୁଁ ମୃତ୍ତିକାର ପ୍ରାକୃତିକ ପୋଷକ ଓ ହ୍ୟୁମସ୍ ହ୍ରାସ ପାଇଥାଏ ଯାହାକି ପ୍ରାକୃତିକ ସନ୍ତୁଳନକୁ ବାଧାପ୍ରାପ୍ତ କରିଥାଏ । ଏହାଦ୍ୱାରା ଉକ୍ତ ମୃତ୍ତିକା ଶସ୍ୟ ଚାଷ ନିମିତ୍ତ ଅନୁପଯୁକ୍ତ ହୋଇଥାଏ ।

### ମୃତ୍ତିକା ଅବକ୍ଷୟର କାରଣ

ମୃତ୍ତିକା ଅବକ୍ଷୟର ମୁଖ୍ୟ କାରଣଗୁଡ଼ିକ ହେଲା –

- ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ଔଷଧର ବ୍ୟବହାର ଯୋଗୁଁ ମୃତ୍ତିକାର ରାସାୟନିକ ତତ୍ୱ ବଢ଼ିଯାଇଥାଏ ଓ ମାଟିରେ ଲବଣାକ୍ତ ପରିମାଣ ବୃଦ୍ଧି ପାଇଥାଏ । ଏହାଦ୍ୱାରା ମୃତ୍ତିକାର ପ୍ରାକୃତିକ ପୋଷକର କ୍ଷୟ ହୋଇଥାଏ ଓ ପ୍ରାକୃତିକ ପ୍ରଦୂଷିତ କରିବା ପଦାର୍ଥ ଯେପରିକି ବିଷାକ୍ତ ପଦାର୍ଥ, ଗୁରୁଧାତୁ ଯଥା କାଡ଼ିମିୟମ୍, ଲିଡ୍ ଇତ୍ୟାଦିର ବୃଦ୍ଧି ହୋଇଥାଏ ।

- ଜଳସେଚନ ପାଇଁ ଉଦ୍ଦିଷ୍ଟ ପାଣିର ସୁପରିଚାଳନା ଅଭାବରୁ ଚାଷଜମି ଜଳପୂରିତ ଅବସ୍ଥାରେ ରହୁଛି । ଏହା ଜମିର ଲବଣାକ୍ତକୁ ବୃଦ୍ଧି କରି ଚାଷ ପାଇଁ ଅନୁପଯୋଗୀ କରିଥାଏ । ଏହା ମଧ ମଶାମାନଙ୍କର ଜନ୍ମ କରିବା ସ୍ଥାନ ହିସାବରେ ପରିଣତ ହୋଇଥାଏ ।

- ଗୋରୁଗାଈଙ୍କ ଦ୍ୱାରା ଅତ୍ୟଧିକ ଚାରଣ ଚରିବା ଯୋଗୁଁ ଚାଷଯୋଗ୍ୟ ଜମିର ଉପରସ୍ତର ହ୍ରାସ ପାଇଥାଏ ଫଳରେ ମୃତ୍ତିକା ପ୍ରଦୂଷିତ ହୋଇପାରେ ।

### ? ତୁମେ ଜାଣ କି

ମୃତ୍ତିକା ପ୍ରଦୂଷଣ ଦ୍ୱାରା ସାରା ବିଶ୍ୱରେ ପ୍ରାୟତଃ ୪୦୦ ନିୟୁତ ଡଲାର ପ୍ରତିବର୍ଷ (ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା ବର୍ଷ ପିଛା) କ୍ଷତି ହୋଇଥାଏ । ଫଳରେ ବିଗତ ୪୦ ବର୍ଷ ଧରି ଏହି ପ୍ରଦୂଷଣ ଯୋଗୁଁ ବିଶ୍ୱର ୩୦ ପ୍ରତିଶତ ଚାଷଯୋଗ୍ୟ ଜମିର ଉତ୍ପାଦନ କ୍ଷମତା ନଷ୍ଟ ହୋଇଥାଏ ବା ଅଣଉତ୍ପାଦନକ୍ଷମ ହୋଇଥାଏ ।

## ମୃତ୍ତିକା ଅବକ୍ଷୟର ପ୍ରଭାବ

ମୃତ୍ତିକାର କ୍ଷୟ ଫଳରେ ମୃତ୍ତିକାର ସର୍ବାଧିକ ଉତ୍ପାଦକତାକୁ ଗୁରୁତ୍ୱଭାବେ ହ୍ରାସ କରିଥାଏ । ମୃତ୍ତିକା ପ୍ରଦୂଷିତ କରୁଥିବା ପଦାର୍ଥର ଉପସ୍ଥିତି ଯୋଗୁଁ ଭୂତଳ ଜଳସ୍ତରରେ ପ୍ରାକୃତିକ ବିଶାକ୍ତ, ଗୁରୁ ଧାତୁଗୁଡ଼ିକ ବୃଦ୍ଧ ପାଏ ଓ ଏହା ପ୍ରଦୂଷିତ ହୋଇଥାଏ । ମୃତ୍ତିକା ଅବକ୍ଷୟ ଯୋଗୁଁ ସବୁଜିମା ମୃତ୍ତିକା କ୍ଷୟ ହୋଇଥାଏ ଯାହାକି ଆମର ଜୀବ ବିଭିନ୍ନତାକୁ କ୍ଷିଣ କରିଥାଏ । କାରଣ ପଶୁପକ୍ଷୀମାନେ ବଞ୍ଚିରହିବା ପାଇଁ ଓ ଖାଦ୍ୟର ମାଧ୍ୟମ ସାଧାରଣତଃ ଭାବରେ କାର୍ଯ୍ୟକାରୀ ହେବା ପାଇଁ ବୃକ୍ଷ ଲତାର ବୃଦ୍ଧି ହେବା ଦରକାର । ଏହାଦ୍ୱାରା କିଛି ଉଦ୍ଭିଦ ଓ ପଶୁର ପ୍ରଜାତି ବିଲୁପ୍ତ ମଧ୍ୟ ହୋଇଥାଏ । ମୃତ୍ତିକା ଅବକ୍ଷୟ ଯୋଗୁଁ ଧୀରେ ଧୀରେ ଜମି ମରୁଭୂମିରେ ପରିଣତ ହୋଇଥାଏ ଯାହାକି ଚାଷ ପାଇଁ ଅଯୋଗ୍ୟ ହୋଇଯାଏ ।

### ୨୩.୨.୨.୨ ପ୍ରାକୃତିକ ବାସସ୍ଥଳୀ ଅବକ୍ଷୟ

ମାନବିକ କାର୍ଯ୍ୟକଳାପର ବୃଦ୍ଧି ଯୋଗୁଁ ପ୍ରାକୃତିକ ବାସସ୍ଥଳୀ ନିଜର ସ୍ୱାଭାବିକ କାର୍ଯ୍ୟ ବା ଜୀବନ ଧାରଣର ପ୍ରକୃତିକୁ ଧୀରେ ଧୀରେ ହରାଇ ବସିଥାଏ । ଏହି ପ୍ରକ୍ରିୟାକୁ ପ୍ରାକୃତିକ ବାସସ୍ଥଳୀର ଅବକ୍ଷୟ ବୋଲି କୁହାଯାଇଥାଏ । ପ୍ରାକୃତିକ ଆବାସର ଅଧୋଗତି ଯୋଗୁଁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଧାରଣ କରିବାର କ୍ଷମତା ବା ଏକ ଅଞ୍ଚଳର ନିର୍ଦ୍ଦିଷ୍ଟ ପ୍ରଜାତିର କେତେ ସଂଖ୍ୟାର ଉଦ୍ଭିଦ ଓ ପଶୁ ରହିପାରିବେ ତାହା ଲୋପ ପାଇଥାଏ । ଏହାଦ୍ୱାରା ସେହି ଆବାସରେ ଥିବା ବିଭିନ୍ନ ପ୍ରଜାତିର ଜନସଂଖ୍ୟା ହ୍ରାସ ପାଇଥାଏ, ଯାହାଫଳରେ ପ୍ରାକୃତିକ ଖାଦ୍ୟମାଳାରେ ଅସନ୍ତୁଳନ ଦେଖାଦିଏ ଏହି ଅସନ୍ତୁଳନ ଯୋଗୁଁ ଆମ ଗ୍ରହରେ ଥିବା ବହୁ ସଂଖ୍ୟାର ଉଦ୍ଭିଦ ଓ ପଶୁଗୁଡ଼ିକ ବିଲୁପ୍ତ ହୋଇଗଲେଣି ।

#### ପ୍ରାକୃତିକ ବାସସ୍ଥଳୀର ଅବକ୍ଷୟର କାରଣ

ପ୍ରାକୃତିକ ବାସସ୍ଥଳୀର ମୁଖ୍ୟ କାରଣଗୁଡ଼ିକ ହେଲା –

- ଜଙ୍ଗଲ ଧ୍ୱଂସ, ଓ କାଠ ଶିଳ୍ପ ପାଇଁ କାଠ ଯୋଗାଣ ।
- ଜଙ୍ଗଲ ଜମିକୁ ଚାଷୋପଯୋଗୀ ଜମିର ରୂପାନ୍ତରିତ କରିବା ।
- ପ୍ରାକୃତିକ ବାସସ୍ଥଳୀକୁ ସହରୀକରଣ କରିବା ।
- ମୃତ୍ତିକା କ୍ଷୟ ଓ ମରୁଭୂମିକରଣ ଯାହାଦ୍ୱାରା ସମ୍ପୂର୍ଣ୍ଣ ଜଙ୍ଗଲକୁ ମରୁଭୂମିରେ ପରିଣତ କରିପାରିବ ।
- ପୋଡୁଚାଷ ପଦ୍ଧତି, ଯେଉଁଥିରେ ଜଙ୍ଗଲକୁ ପୋଡ଼ି ଯେଉଁ ପାଉଁଶ ବାହାରେ ତାହା ଚାଷ ପାଇଁ ପ୍ରାକୃତିକ ସାର ଭାବେ ବ୍ୟବହୃତ ହୁଏ ।

## ପ୍ରାକୃତିକ ବାସସ୍ଥଳୀର ଅବକ୍ଷୟର ପ୍ରଭାବ

ପ୍ରାକୃତିକ ବାସସ୍ଥଳୀ ଅବକ୍ଷୟ ଯୋଗୁଁ ପ୍ରାକୃତିକ ଝରଣା ଓ ଜଳପ୍ରପାତ ଶୁଷ୍କ ହେଉଛି, ଭୂଗର୍ଭର ଜଳସ୍ତର ହ୍ରାସପାଉଛି ଓ ଅନିୟମିତ ବର୍ଷା ହେଉଛି । ତାଛଡ଼ା ମୃର୍ତ୍ତିକା ଅବକ୍ଷୟ ହୋଇ ନଦୀବନ୍ଧ ଓ ନଦୀଗର୍ଭରେ ପଟୁମାଟି ଜାମହେବା ଦ୍ୱାରା ବନ୍ୟାର ଭୟାବହତା ସହିତ ବିଭିନ୍ନ ଜଳ ସଂକ୍ରମଣିତ ରୋଗ ବୃଦ୍ଧି ପାଇଛି । ଏହାଦ୍ୱାରା ଚାଷଯୋଗ୍ୟ ଜମିର ମଧ୍ୟ କ୍ଷତି ହୋଇଥାଏ ।

ବିଗତ ୫୦ ବର୍ଷରେ ସାରାବିଶ୍ୱରେ ଜମି, ପ୍ରଦୂଷଣ, କ୍ରମକ୍ଷୟ ଓ ପୋଷକ ଦ୍ରବ୍ୟର ଅବକ୍ଷୟ ଯୋଗୁଁ ପ୍ରାକୃତିକ ବାସସ୍ଥଳୀର ଅବକ୍ଷୟ ହୋଇ ପ୍ରାୟ ୪୦ ପ୍ରତିଶତ ଜମି କ୍ଷୟ ହୋଇଥାଏ । ବାସସ୍ଥଳୀର ଅବକ୍ଷୟ ମଧ୍ୟ ବହୁ ମୂଲ୍ୟବାନ ସେବା ଜୀବବ୍ୟବସ୍ଥାର ଯେପରିକି, ନାଇଟ୍ରୋଜେନ୍, ଫସ୍‌ଫରସ୍, ସଲଫର ଏବଂ କାର୍ବନ ସାଇକଲ କ୍ଷତି ଘଟୁଛି ଯାହାଫଳରେ ବାରମ୍ବାର ରାସାୟନିକ ବର୍ଷା ଓ ନଦୀ ଓ ମହାସାଗରରେ ମତ୍ସ୍ୟ ସମ୍ପଦର ଅବକ୍ଷୟ ହୋଇଥାଏ । ଏହାଦ୍ୱାରା ବିଶ୍ୱ ତାପମାତ୍ରାରେ ପରିବର୍ତ୍ତନ ଘଟିଥାଏ । ଏହାଦ୍ୱାରା ଆମ ଜୈବ ବିବିଧତା ପ୍ରଭାବିତ ହୋଇଥାଏ ଓ ବିଭିନ୍ନ ପ୍ରଜାତି ମଧ୍ୟ ବିଲୁପ୍ତ ହୋଇଥାନ୍ତି । ଏହା ଆମ ପ୍ରାକୃତିକ ସନ୍ତୁଳନରେ ସମତା ରଖିନଥାଏ । ଆମେ ଆମ ମନୋରଞ୍ଜନ ପାଇଁ କରୁଥିବା କାର୍ଯ୍ୟ ଯଥା – ଚଢ଼େଇଦେଖା, ଶିକାର, ମାଛ ଧରିବା ବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଭଳି ବିଭିନ୍ନ କାର୍ଯ୍ୟ ବାସସ୍ଥଳୀର ଅବକ୍ଷୟ ଯୋଗୁଁ ବାଧାପ୍ରାପ୍ତ ହୋଇଥାଏ ।

**? ତୁମେ ଜାଣ କି**

ବର୍ତ୍ତମାନ ଯେଉଁ ହାରରେ ଜଙ୍ଗଲ ଧ୍ୱଂସ ହୋଇଚାଲିଛି, ତେବେ ବିଶ୍ୱରେ କେବଳ ୧୦ ପ୍ରତିଶତ ବିଷୁବ ମଣ୍ଡଳୀୟ ଜଙ୍ଗଲ ୨୦୩୦ ମସିହା ସୁଦ୍ଧା ବାକି ରହିବ ଏବଂ ଆଉ ୧୦ ପ୍ରତିଶତ ଅବକ୍ଷୟ ସ୍ଥିତିରେ ରହିବ ।

## ୨୩.୨.୩ ସମ୍ବଳର କ୍ଷୟ

ସମ୍ବଳର କ୍ଷୟ ଏକ ଅର୍ଥନୀତିକ ଶବ୍ଦ ଯାହାକି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା କଞ୍ଚାମାଲ ବା ପ୍ରାକୃତିକ ସମ୍ବଳର ଧୀରେ ଧୀରେ ନିଃଶେଷ ହେବାକୁ ବୁଝାଇଥାଏ । ସମ୍ବଳର କ୍ଷୟ ସାଧାରଣ ଭାବରେ ଚାଷ, ମତ୍ସ୍ୟଚାଷ ଓ ଖଣି ଉତ୍ତୋଳନ କ୍ଷେତ୍ରରେ ବ୍ୟବହାର ହୋଇଥାଏ । ଶିଳ୍ପାୟନ ଓ ଶକ୍ତି ଉତ୍ପାଦନ ପାଇଁ ଜୀବାଶ୍ମ ଇନ୍ଧନକୁ ବହୁଳ ଭାବେ ବ୍ୟବହାର କରାହେଉଛି । ତେଣୁ ସମୟକ୍ରମେ ଏହି ସମ୍ବଳର ମୂଲ୍ୟ ଓ ଚାହିଦା ବୃଦ୍ଧି ପାଇଚାଲିଛି । କିନ୍ତୁ ଅତ୍ୟଧିକ ବ୍ୟବହାର ଯୋଗୁଁ ଏହାର ଯୋଗାଣ ଅଧିକ ପରିମାଣରେ ହ୍ରାସ ପାଇଚାଲିଛି ।

କେତେକ ସମ୍ବଳ ଯାହା ମାନବର ଅତ୍ୟାବଶ୍ୟକ ଯେପରିକି ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ, କୋଇଲା, ୟୁରାନିୟମ–୨୩୫ ଏବଂ ସୁନା ଇତ୍ୟାଦି ଯାହା ଆମ ଜୀବନ ପାଇଁ ଜରୁରୀ ଅଟେ । ବର୍ତ୍ତମାନ ତାହା ମିଳିବା କଷ୍ଟକର ହୋଇଗଲାଣି । ପ୍ରାୟ ୧୦୦–୧୫୦ ବର୍ଷ ମଧ୍ୟରେ ଜନସଂଖ୍ୟାର ବୃଦ୍ଧି ଯୋଗୁଁ ଉକ୍ତ ସମ୍ବଳଗୁଡ଼ିକର ଚାହିଦା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭାବେ ବଢ଼ିଚାଲିଛି ଯାହାଫଳରେ ଗଚ୍ଛିତ ପ୍ରାକୃତିକ ସମ୍ବଳ ଦୃଦ ଗତିରେ କ୍ଷୟ ହୋଇଚାଲିଛି । ନୂଆ ଗଚ୍ଛିତ ସମ୍ବଳର ସନ୍ଧାନ ବହୁତ ବ୍ୟୟସାପେକ୍ଷ ହେଉଛି, ଯାହାଫଳରେ ନୂତନ ଖଣିଜ ପାଇଁ ଲାଭଜନକ ହେଉନାହିଁ । ପୃଥିବୀ ଉପରେ ଅଧିକ ଜନସଂଖ୍ୟା ଯୋଗୁଁ ସମ୍ବଳର ଚାହିଦା ଉପରେ ଚାପ ପଡ଼ିବାରୁ ଏହାର ଗଚ୍ଛିତ ସମ୍ବଳ ଧୀରେ ଧୀରେ ସରିଯାଉଛି ।

ଖଣିଜ ସମ୍ପଦର ଅତ୍ୟଧିକ ବ୍ୟବହାର କେବଳ ସମ୍ବଳର କ୍ଷୟ କରୁନାହିଁ ବରଂ କେତେକ ପରିବେଶ ଜନିତ କୁପ୍ରଭାବ ମଧ୍ୟ ସୃଷ୍ଟି କରୁଥାଏ । ଖଣି ଉତ୍ତୋଳନ ଓ ଏହାର ବିଶୁଦ୍ଧକରଣ ପ୍ରକ୍ରିୟା ଯୋଗୁଁ ବିଶ୍ୱତାପମାତ୍ରାରେ ବୃଦ୍ଧି, ବାୟୁ, ଜଳ ଏବଂ ମୃତ୍ତିକା ପ୍ରଦୂଷଣ, ଜୈବବିବିଧତାରେ ହ୍ରାସ ଓ ବିଭିନ୍ନ ସମସ୍ୟା ଦେଖାଦେଇଥାଏ ।

ସମ୍ବଳ ଅବକ୍ଷୟର କ୍ଷତିକାରକ ପ୍ରଭାବ ଓ ତାହା ସହିତ ପରିବେଶ ସମସ୍ୟାକୁ ଶେଷ କରିବା ପାଇଁ ଆମେ ଅତି ସାବଧାନ ସହିତ ସମ୍ବଳଗୁଡ଼ିକର ବ୍ୟବହାର କରିବା ଉଚିତ୍ । ବିଶ୍ୱର ବିଭିନ୍ନ ସଂସ୍ଥା ଯେପରିକି ମିଳିତ ଜାତିସଂଘ

ପରିବେଶ ଯୋଜନା, ପରିବେଶ ସୁରକ୍ଷା ସଂସ୍ଥା, ଜଳବାୟୁର ପରିବର୍ତ୍ତନ ଉପରେ ଆନ୍ତଃ ସରକାରୀ ସହଯୋଗ ଏବଂ ଭାରତର ପରିବେଶ ଜଙ୍ଗଲ ମନ୍ତ୍ରଣାଳୟ ସହିତ ବିଭିନ୍ନ ଅଣସରକାରୀ ସଂସ୍ଥା ସକ୍ରିୟ ଭାବରେ ପରିବେଶ ସୁରକ୍ଷା ପକ୍ଷରେ ଯୁକ୍ତି ଉପସ୍ଥାପନ କରିଛନ୍ତି । ସାରା ବିଶ୍ୱରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ନିୟମ ଓ ଅତ୍ୟଧିକ ସମ୍ବଳ ବିନିଯୋଗ ଉପରେ କଟକଣା ଗୁରୁତ୍ୱ ଦେଇଛନ୍ତି ।

ମାନବ ପାଖରେ ଥିବା ସୀମିତ ସମ୍ବଳର ସତର୍କତା ସହିତ ବ୍ୟବହାର ଯାହାକି ପରିବେଶର ବିପତ୍ତିକୁ ଏଡାଇବା ପାଇଁ ଏକ ମହତ୍ୱପୂର୍ଣ୍ଣ ସମାଧାନ ଏହାକୁ ଧାରଣୀୟ ବିକାଶ ବୋଲି ମଧ୍ୟ କୁହାଯାଏ । ଏହା ଅଧ୍ୟାୟର ନିମ୍ନ ଭାଗରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯାଇଛି ।

## ପାଠଗତ ପ୍ରଶ୍ନାବଳୀ ୨୩.୩

୧. ମୃତ୍ତିକା ଅବକ୍ଷୟ କହିଲେ କ'ଣ ବୁଝ ?

୨. ପରିବେଶର ଦୁଇ ପ୍ରକାର ଅବକ୍ଷୟଗୁଡ଼ିକ କ'ଣ କ'ଣ ଅଟେ ?

## ୨୩.୩ ଧାରଣୀୟ ବିକାଶ

ଧାରଣୀୟ ବିକାଶ ଏକ ପ୍ରକ୍ରିୟା ଯାହା ଏକ ଅର୍ଥବ୍ୟବସ୍ଥାର ସାମ୍ପ୍ରତିକ ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ସହ ଭବିଷ୍ୟତ ବଂଶଧରମାନଙ୍କୁ ଅଧିକ ନହେଲେ ବି ସମାନ ସୁବିଧା ଓ ସମୃଦ୍ଧି ପ୍ରଦାନର ସାମର୍ଥ୍ୟ ବହନ କରିଥାଏ । ଧାରଣୀୟ ବିକାଶ ବିଭିନ୍ନ ପ୍ରକାରରେ ବ୍ୟାଖ୍ୟା କରାଯାଇଛି । ଏହାମଧ୍ୟରୁ ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ସଂଜ୍ଞା 'ବ୍ରଣ୍ଡଟଲାଣ୍ଡ ରିପୋର୍ଟ'ରୁ ଉଦ୍ଧୃତ ଏହି ସଂଜ୍ଞା ଅନୁଯାୟୀ ଧାରଣୀୟ ବିକାଶ କହିଲେ ସେହି ବିକାଶକୁ ବୁଝାଏ ଯାହା ସାମ୍ପ୍ରତିକ ଆବଶ୍ୟକତା ପୂରଣ କରିବା ସହ ଭବିଷ୍ୟତ ବଂଶଧରମାନଙ୍କ ସମୃଦ୍ଧି ପ୍ରଦାନର ସାମର୍ଥ୍ୟ ବହନ କରିଥାଏ ।

ଏହି ସଂଜ୍ଞା ଦୁଇଟି ଗୁରୁତ୍ୱପୂର୍ଣ୍ଣ କଥା ବୁଝାଉଥାଏ । ପ୍ରଥମତଃ ଧାରଣୀୟ ବିକାଶ ପ୍ରାକୃତିକ ସମ୍ବଳର ଉପଯୋଗ କ୍ଷେତ୍ରରେ ଆନ୍ତଃପିଢ଼ି ସମାନତା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଦ୍ୱିତୀୟତଃ ଏହା ବର୍ତ୍ତମାନର ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ସହ ଭବିଷ୍ୟତ ବଂଶଧରମାନଙ୍କର ଆବଶ୍ୟକତା ବିଚାରକୁ ନେଇଥାଏ ।

ଉପରୋକ୍ତ ଭାଗରେ ତୁମେମାନେ ପଢ଼ିଲ କିପରି ବିଭିନ୍ନ ପ୍ରାକୃତିକ ସମ୍ବଳ ଯେପରିକି ବାୟୁ, ଜଳ, ଖଣି, ଇତ୍ୟାଦି ଆମ ଆବଶ୍ୟକତା ପାଇଁ ବ୍ୟବହୃତ ହୁଏ । ତେଣୁ ଆମେ ଯଦି ବାୟୁ ଏବଂ ଜଳ ପ୍ରଦୂଷିତ କରିଦେବା, ଆମର ସବୁ ସମ୍ବଳ ଯାହାର ପୁର୍ନବ୍ୟବହାର କରାଯାଇ ପାରିବ ନାହିଁ ଯେପରିକି କୋଇଲା, ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଇତ୍ୟାଦିକୁ କ୍ଷୟ କରିହେବ । ତେବେ ଆମର ଭବିଷ୍ୟତ ବଂଶଧରମାନଙ୍କର ଅଧିକ କ୍ଷତି ହେବ । ତେଣୁ ଧାରଣୀୟ ବିକାଶ ଏହା ଉପରେ ଅଧିକ ଗୁରୁତ୍ୱ ଦେଇଥାଏ ଯେ ଆମର କୌଣସି ଅଧିକାର ନାହିଁ, ଆମର ଭବିଷ୍ୟତ ବଂଶଧରମାନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିବା ପାଇଁ । ସାରା ବିଶ୍ୱର ସମ୍ବଳର ଭଣ୍ଡାର ଉପରେ କେବଳ ବର୍ତ୍ତମାନ ପୀଢ଼ିର ଅଧିକାର ନାହିଁ ବରଂ ଭବିଷ୍ୟତ ପୀଢ଼ିର ମଧ୍ୟ ଅଧିକାର ରହିଛି । ତେଣୁ ଏହା ଆମର





ଦାୟିତ୍ୱ ଯେ ପରିବେଶର କ୍ଷତିକୁ ସର୍ବନିମ୍ନରେ ସୀମିତ ରଖି, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରାକୃତିକ ସମ୍ବଳର ସଦୁପଯୋଗ କ୍ଷେତ୍ରରେ ଆନ୍ତପିଢ଼ିର ସମାନତା ଉପରେ ମଧ୍ୟ ଗୁରୁତ୍ୱ ଦେବା ଦରକାର ।

ତେଣୁ କେବଳ ଜାତୀୟ ଆୟର ଅଭିବୃଦ୍ଧିକୁ ଧାରଣୀୟ ବିକାଶ କୁହାଯାଇ ପାରିବ ନାହିଁ । ଧାରଣୀୟ ବିକାଶରେ ଜାତୀୟ ଆୟ ଓ ପରିବେଶ ସନ୍ତୁଳନ ପରସ୍ପର ସମ୍ବନ୍ଧିତ ଉପାଦାନ ହିସାବରେ ବିଚାରକୁ ନିଆଯାଏ । ତେଣୁ ଅର୍ଥନୀତି ଅଭିବୃଦ୍ଧି ଯଦି ଧାରଣୀୟ ହୋଇଥାଏ ତେବେ ପ୍ରାକୃତିକ ସମ୍ବଳର ଯେତେ ବ୍ୟବହାର କଲେ ମଧ୍ୟ ଏହା ଭବିଷ୍ୟତ ବ୍ୟବହାରକୁ ସୀମିତ କରିବ ନାହିଁ । ତେଣୁ ବର୍ତ୍ତମାନର ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ସହ ଭବିଷ୍ୟତ ବଂଶଧରମାନଙ୍କର ଆବଶ୍ୟକତାକୁ ମଧ୍ୟ ବିଚାରକୁ ନେଇଥାଏ । ଏହା ଏକ ଦୀର୍ଘ ସମୟକାଳର ଧାରଣା ଅଟେ ।

## ୨୩.୪ ଧାରଣୀୟ ବିକାଶକୁ କିଭଳି ଲାଭ କରିହେବ ?

ଏହି ଅଧ୍ୟାୟରେ ଅମ୍ଭେମାନେ ଜାଣିଲୁ କିପରି ଜନସଂଖ୍ୟାର ଚାପ ଓ ମାନବ ସମାଜର ସୁବିଧାଜନକ ଜୀବନଶୈଳୀ ଓ ଅର୍ଥନୈତିକ ଅଭିବୃଦ୍ଧିର ତୃଷ୍ଣା ମେଣ୍ଟାଇବା ପାଇଁ ଆମ ପରିବେଶ ଓ ପୃଥିବୀ ପାଇଁ କେତେ ସମସ୍ୟା ସୃଷ୍ଟି କରିଛି । ଯେଉଁ ସମସ୍ୟାଗୁଡ଼ିକ ଆମେ ଉଲ୍ଲେଖ କରିଥିଲୁ ତାହା ହେଉଛି ପ୍ରଦୂଷଣ, ଅବକ୍ଷୟ ଓ ସମ୍ବଳଗୁଡ଼ିକର ନିଃଶେଷ ।

ଆମ୍ଭେମାନେ ଧାରଣୀୟ ବିକାଶ ବିଷୟରେ ମଧ୍ୟ ପଢ଼ିଲୁ ଓ ଜାଣିରଖିଲୁ ଭବିଷ୍ୟତ ପୀଢ଼ିର ସୁବିଧା ଓ ସୁରକ୍ଷା କେତେ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହି ଧାରଣୀୟ ବିକାଶ ହେବ କିପରି ? ଯେଉଁ ପରିବେଶର ସମସ୍ୟାର ସମ୍ମୁଖୀନ ପାଇଁ ଆମେ କରୁଛୁ ତାହା ଖୁବ୍ ଜଟିଳ । କିନ୍ତୁ ଭାବିଚିନ୍ତି କାମ କଲେ ଆମେ ଏହି ବିପତ୍ତିକୁ ଅତିକ୍ରମ କରିପାରିବା ।

ଧାରଣୀୟ ବିକାଶର ସବୁ ସଂଜ୍ଞାଗୁଡ଼ିକ ଅନୁଯାୟୀ ସାରା ବିଶ୍ୱ ଏକ ବୋଲି ଧରାଯାଏ । ତୁମେମାନେ ଏହା ମଧ୍ୟ ଜାଣିସାରିଲଣି ଯେ ଏହା ଏକ ଦୀର୍ଘକାଳୀନ ଧାରଣା । ଧାରଣୀୟ ବିକାଶ ଏହା ମଧ୍ୟ ଗୁରୁତ୍ୱ ଦେଇଥାଏ ଯେ କିଛି କାର୍ଯ୍ୟ ବା ପଦକ୍ଷେପ ବିଶ୍ୱର ଗୋଟିଏ ଭାଗ ନେଲେ ଏହାର ପରିଣାମ ବିଶ୍ୱର ଅନ୍ୟ ଭାଗରେ ଥିବା ଲୋକମାନଙ୍କ ଉପରେ ମଧ୍ୟ ପଡ଼ିଥାଏ । ତେଣୁ ସମୃଦ୍ଧିର ଏହି ପ୍ରକ୍ରିୟାକୁ ଧାରଣୀୟ କରିବା ପାଇଁ କେବଳ ନିଜ ଗାଁ ବା ସମାଜ ବା ଦେଶର ବିକାଶ ବିଷୟରେ ଭାବିଲେ ହେବ ନାହିଁ ବରଂ ସାରା ବିଶ୍ୱ ପାଇଁ ଭାବିବାକୁ ହେବ । ଉଦାହରଣ ସ୍ୱରୂପ, ଉତ୍ତର ଆମେରିକାରେ ଥିବା କଳକାରଖାନାରୁ ନିଷ୍କାସିତ ହେଉଥିବା ଧୂଆଁ କେବଳ ଉତ୍ତର ଆମେରିକାର ବାୟୁକୁ ପ୍ରଦୂଷିତ କରେ ନାହିଁ ବରଂ ଏସିଆ ମହାଦେଶର ବାୟୁକୁ ମଧ୍ୟ ପ୍ରଭାବିତ କରିଥାଏ । ସେହିଭଳି ଭାବରେ ବ୍ରହ୍ମଦେଶରେ ଛିଞ୍ଚା ହେଉଥିବା କୀଟନାଶକ, ପଶ୍ଚିମବଙ୍ଗର ମତ୍ସ୍ୟ ସମ୍ପଦର ଅବକ୍ଷୟ କରିଥାଏ ।

ତେଣୁ ଧାରଣୀୟ ବିକାଶ ପାଇଁ ପଦକ୍ଷେପ ସେହି ପଦ୍ଧତି ଉପରେ ଜୋର ଦିଏ ଯାହା ସାରା ବିଶ୍ୱରେ ପାଳିତ ହୋଇପାରିବ । କିଛି ପଦକ୍ଷେପ ନିଜ ନିଜ ଦେଶର ସରକାରଙ୍କର ସ୍ତରରେ ନିଆଯାଉଛି ଓ କିଛି ପଦକ୍ଷେପ ପାଇଁ ଅର୍ନ୍ତଜାତୀକ ସ୍ତରରେ ସହଯୋଗ ଦରକାର ହେଉଛି ।

ଧାରଣୀୟ ବିକାଶ ପାଇଁ କିଛି ପଦକ୍ଷେପର ଉଦାହରଣ ନିମ୍ନରେ ଦିଆଯାଇଛି –

**ସମ୍ବଳ :** ଯେଉଁ ସମ୍ବଳର ପୁର୍ନବ୍ୟବହାର କରାଯାଇପାରିବ ନାହିଁ ତାହାର ପରିବର୍ତ୍ତେ ସମ୍ବଳର ଅନ୍ୱେଷଣ ଏବଂ ପୁନରୁଦ୍ଧାରକ୍ଷମ ସମ୍ବଳଗୁଡ଼ିକୁ ଭାବିଚିନ୍ତି ବ୍ୟବହାର କରିବା ଉଚିତ୍ । କୋଇଲା, ତେଲ ଓ ପ୍ରାକୃତିକ ବାଷ୍ପ ଭଳି

ଟିପ୍ପଣୀ

ଶକ୍ତିର ଉତ୍ସ ଖୁବ୍‌ଶୀଘ୍ର କ୍ଷୟ ହୋଇଚାଲିଛି । ସେଥିପାଇଁ ଏହାର ବିକଳ୍ପ ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି ଯଥା ସମୁଦ୍ର ଜୁଆରରୁ, ବାୟୁପ୍ରବାହ, ସୂର୍ଯ୍ୟକିରଣ, ଅଗ୍ନିଉଦ୍‌ଗିରଣ, ଭୂତାପଜ ଶକ୍ତି ଆଦିରୁ ଆମର ଅଭାବ ପୂରଣ କରାଯାଉଛି । ଏବେ ଭାରତର ବିଭିନ୍ନ ଗାଁମାନଙ୍କରେ ଘରକରଣା ଉପକରଣ ଯେପରିକି ସୌରଚୁଲା, ସୌର ଲଣ୍ଠନ ଓ ସୌର ହିଟର ଆଦି ସୂର୍ଯ୍ୟଙ୍କ ଶକ୍ତିରେ ତିଆରି ହେଉଛି । ଏହାର ପ୍ରସାରଣ ପାଇଁ ସରକାର ମଧ୍ୟ ପ୍ରୋତ୍ସାହନା ଦେଉଛନ୍ତି । ସମୁଦ୍ରକୂଳ ଅଞ୍ଚଳରେ ବିଦ୍ୟୁତଶକ୍ତି ଇତ୍ୟାଦି ଉତ୍ପାଦନ ପାଇଁ ବାୟୁଶକ୍ତିକୁ ଉପଯୋଗ କରାଯାଏ ।

**ପୁନଃପ୍ରକ୍ରିୟାକରଣ :** ଅଦରକାରୀ ପଦାର୍ଥର ମୂଳବସ୍ତୁରେ ପରିବର୍ତ୍ତନ କରି ଆଉଥରେ ବ୍ୟବହାର ସାପେକ୍ଷ କରିବ । ଯେପରିକି ଗଛରୁ ଆମେ କାଠମଣ୍ଡ ପାଇଥାଉ ଯାହାକି କାଗଜ ତିଆରି କରିବା ପାଇଁ ଦରକାର ହୋଇଥାଏ। ତେଣୁ ଗଛ ନକାଟି ଆମେ ଆଗରୁ ବ୍ୟବହାର ହୋଇଥିବା କାଗଜରୁ ମଧ୍ୟ କାଗଜ ତିଆରି କରିପାରିବା । ଜଳ ମଧ୍ୟ ଏକ ଅମୂଲ୍ୟ ସମ୍ବଳ ତେଣୁ ଏହାକୁ ମଧ୍ୟ ଭଲ ଭାବରେ ଯେତିକି ଦରକାର ସେତିକି ବ୍ୟବହାର କରିବା ଉଚିତ୍ । ଆମେ ବର୍ଷାପାଣିକୁ ସଂଗୃହୀତ କରି ରଖି ଏହାକୁ ପୁର୍ନବାର ବ୍ୟବହାର କରିପାରିବୁ ।

**ଆବଶ୍ୟକତା ଅନୁଯାୟୀ ବ୍ୟବହାର କରିବା :** ଆମେ ଆମର ଉପଭୋଗକୁ ଆମର ମୌଳିକ ଆବଶ୍ୟକତାକୁ ପୂରଣ କରିବା ପର୍ଯ୍ୟନ୍ତ ସୀମିତ ରଖିବା ଉଚିତ୍ । ଆମେ ଆମ ସ୍ଥାନୀୟ ବଜାରକୁ ଗାଡ଼ିରେ ନଯାଇ ଚାଲିକି ମଧ୍ୟ ଯାଇପାରିବା ବା ଲିଫ୍‌ଟ୍ ବ୍ୟବହାର ନକରି ପାହାଚ ଶିଡ଼ି ମଧ୍ୟ ବ୍ୟବହାର କରିବା ଏବଂ ଆବଶ୍ୟକତା ନଥିଲେ ଲାଇଟ୍, ଫ୍ୟାନ ବନ୍ଦ ରଖିବା ।

ତୁମେ କିପରି ଧାରଣୀୟ ବିକାଶକୁ ନିଜ ସ୍ଥାନୀୟ ଅଞ୍ଚଳରେ ପ୍ରୋତ୍ସାହନ ଦେଇପାରିବ, ତାହା ହେଉଛି ତୁମ ପାଇଁ ଏକ କାମ । ତୁମେ ତୁମର ସ୍ଥାନୀୟ ପରିବେଶର ଉନ୍ନତି ପାଇଁ କ'ଣ କ'ଣ କରିପାରିବ । ତୁମ କାର୍ଯ୍ୟଦ୍ୱାରା କିଭଳି ପରିବେଶର ଉନ୍ନତି ହେବ ଓ ବିଶ୍ୱର ଅନ୍ୟ ଭାଗରେ ରହୁଥିବା ଲୋକମାନେ ଏତଦ୍ୱାରା ଉପକୃତ ହେବେ ତାହା ଲେଖ ।

## ପାଠଗତ ପ୍ରଶ୍ନାବଳୀ ୨୩.୪

୧. ଧାରଣୀୟ ବିକାଶ କହିଲେ ତୁମେମାନେ କ'ଣ ବୁଝୁଛ ?

୨. କିଭଳି ଅଦରକାରୀ ବସ୍ତୁର ପୁନଃବ୍ୟବହାର ସାପେକ୍ଷ କରିହେବ, ଗୋଟିଏ ଉଦାହରଣ ଦିଅ ।

## ତୁମେ କ'ଣ ଶିଖିଲ

- ପରିବେଶ ବିଭିନ୍ନ ଉପାଦାନମାନଙ୍କୁ ଜୀବ ଓ ଜଡ଼ ଜଗତ – ଏହିଭଳି ଦୁଇ ଭାଗରେ ବିଭକ୍ତ କରାଯାଇଛି।
- ସମ୍ବଳ ଯାହା ପୁର୍ନବାର ବ୍ୟବହାର ହୋଇପାରୁଥିବ ଯଥା – ଜଙ୍ଗଲ ଏବଂ ଯାହା ପୁର୍ନବାର ବ୍ୟବହାର ନହୋଇପାରିବ ତାହା ପେଟ୍ରୋଲିୟମ ପଦାର୍ଥ ।
- ଆମ ପ୍ରାକୃତିକ ସମ୍ବଳରେ ବା ପ୍ରାକୃତିକ ଜୀବ ବ୍ୟବସ୍ଥାରେ ଯେତେବେଳେ କୌଣସି ଅପ୍ରୀତିକର ପରିବର୍ତ୍ତନ ଘଟିଥାଏ ତାହାକୁ ପ୍ରଦୂଷଣ ବୋଲି କୁହାଯାଏ ।

- ବାୟୁ ପ୍ରଦୂଷଣ ଦ୍ୱାରା ନିଶ୍ୱାସ ନେବାରେ ବାଧା ସୃଷ୍ଟି ହୋଇଥାଏ ଏବଂ କାଶ ମଧ୍ୟ ହୋଇଥାଏ, ଜଳ ପ୍ରଦୂଷିତ ହେଲେ ବିଭିନ୍ନ ମହାମାରୀ ରୋଗ ଯେପରିକି ହଇଜା, ଟାଇଫଏଡ୍ ଏବଂ ଝାଡ଼ାବାନ୍ତି ଇତ୍ୟାଦି ବ୍ୟାପିଥାଏ ।
- ଶବ୍ଦ ପ୍ରଦୂଷଣ ଶ୍ରବଣ ଶକ୍ତିର ହ୍ରାସ କରେ, ଅତ୍ୟଧିକ ଚିନ୍ତା ଇତ୍ୟାଦି କରାଇଥାଏ ।
- ମୃତ୍ତିକାର କ୍ଷୟ କୃଷି ଉତ୍ପାଦନର ହ୍ରାସ କରିଥାଏ ।
- ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ସମ୍ବଳର ନିଷ୍କାସନ, ସମ୍ବଳର କ୍ଷୟକୁ ବୁଝାଇଥାଏ ।
- ଧାରଣୀୟ ବିକାଶ ବର୍ତ୍ତମାନର ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ସହ ଭବିଷ୍ୟତ ବଂଶଧରମାନଙ୍କର ଆବଶ୍ୟକତାକୁ ଦୃଷ୍ଟି ଦେଇଥାଏ ।

ଆମେ ଧାରଣୀୟ ବିକାଶରେ ନିମ୍ନରେ ଦିଆଯାଇଥିବା ଉପାୟରେ ଯୋଗ ଦେଇପାରିବା

୧. ଯେଉଁ ସମ୍ବଳର ପୁର୍ନବ୍ୟବହାର କରାଯାଇପାରିବ ନାହିଁ ତାହା ପରିବର୍ତ୍ତେ ବିକଳ୍ପ ସମ୍ବଳର ଅନ୍ୱେଷଣ ଏବଂ ପୁନରୁଦ୍ଧାରକ୍ଷମ ସମ୍ବଳଗୁଡ଼ିକୁ ଭାବିଚିନ୍ତି ଉପଯୋଗ କରିବା ।

୨. ବ୍ୟବହୃତ ପଦାର୍ଥକୁ ଆଉଥରେ ବ୍ୟବହାର କରିପାରିବା ।

୩. ଆମ ଉପଭୋଗକୁ ସୀମିତ ରଖିବା ।

## ଅନ୍ତିମ କାର୍ଯ୍ୟାବଳୀ

୧. ପୁନରୁଦ୍ଧାରକ୍ଷମ ଓ ଅପୁନରୁଦ୍ଧାରକ୍ଷମ ସମ୍ବଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ପ୍ରତ୍ୟେକର ଦୁଇଟି ଲେଖାଏଁ ଉଦାହରଣ ଦିଅ ।

୨. ମାନବ ସଭ୍ୟତାର ଉନ୍ନତି ସହ ବହୁ ପରିବେଶ ଜଡ଼ିତ ସମସ୍ୟା ଉପୁଜୁଛି । ତୁମେ ଏହା ସହିତ ଏକମତ କି ? ନିଜର ଉତ୍ତର ପାଇଁ କାରଣ ଦିଅ ।

୩. ବାୟୁ ପ୍ରଦୂଷଣ କହିଲେ କ'ଣ ବୁଝ ? ବାୟୁ ପ୍ରଦୂଷଣର ତିନୋଟି ମୁଖ୍ୟ ଉତ୍ସର ନାମ ଲେଖ । ଏହା କିଭଳି କ୍ଷତି କରିଥାଏ ?

୪. ଜଳ ପ୍ରଦୂଷଣ କ'ଣ ? ଜଳ ପ୍ରଦୂଷଣର ମୁଖ୍ୟ ଉତ୍ସର ନାମ ଲେଖ । ଏହାର କ'ଣ କ'ଣ କ୍ଷତିକାରକ ପ୍ରଭାବ ଅଟେ ।

୫. ଶବ୍ଦ ପ୍ରଦୂଷଣ କ'ଣ ? ଏହାର ମୁଖ୍ୟ ଉତ୍ସର ନାମ ଲେଖ ? ଏହାର କ୍ଷତିକାରକ ପ୍ରଭାବଗୁଡ଼ିକ ବର୍ଣ୍ଣନା କର ?

୬. ଭୂମିର ଅବକ୍ଷୟ କହିଲେ କ'ଣ ବୁଝ ? ଏହାର ମୁଖ୍ୟ କାରଣ କ'ଣ ? ଏହାର ଦୁଇଟି କ୍ଷତିକାରକ ପ୍ରଭାବ ଲେଖ ।





୭. ବାସସ୍ଥଳୀର ଅବକ୍ଷୟ କହିଲେ କ'ଣ ବୁଝ ? ଏହାର ମୁଖ୍ୟ କାରଣ କ'ଣ ? ବାସସ୍ଥଳୀ ଅବକ୍ଷୟର କ୍ଷତିକାରକ ପ୍ରଭାବ ଲେଖ ।

୮. ସମ୍ବଳର ନିଃଶେଷ ବା କ୍ଷୟ କହିଲେ କ'ଣ ବୁଝ ? ବିଗତ ୧୦୦ ରୁ ୧୫୦ ବର୍ଷରେ କେଉଁ କେଉଁ ସମ୍ବଳର ଦ୍ରୁତଗତିରେ କ୍ଷୟ ହୋଇଚାଲିଛି, ଉଦାହରଣ ଦିଅ ।

୯. ଧାରଣୀୟ ବିକାଶ କହିଲେ କ'ଣ ବୁଝ ? କିଭଳି ପୋଷଣୀୟ ବିକାଶରେ ଯୋଗ ଦେଇହେବ ଦୁଇଟି ଉପାୟ ଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୩.୧**

୧. ପରିବେଶ କହିଲେ ଭୂପୃଷ୍ଠ, ତାର ନିମ୍ନ ଓ ଉର୍ଦ୍ଧ୍ୱ ଦେଶରେ ଥିବା ସମସ୍ତ ପ୍ରାକୃତିକ ଉପାଦାନର ସମଷ୍ଟିକୁ ବୁଝାଏ ଯାହା ଜୀବଜଗତ, ମଣିଷ, ପଶୁପକ୍ଷୀ ଓ ଗଛଲତା ବଞ୍ଚିରହି ବଂଶ ବୃଦ୍ଧି କରିବା ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଥାଏ ।

୨. (କ) ଜୀବ ଜଗତ (ଖ) ଜଡ଼ ଜଗତ

୩. ପୁନରୁଦ୍ଧାରକ୍ଷମ ସମ୍ବଳ : ଜଙ୍ଗଲ, ପାଣି

ଅପୁନରୁଦ୍ଧାରକ୍ଷମ ସମ୍ବଳ : ପେଟ୍ରୋଲିୟମ, କୋଇଲା

**୨୩.୨**

୧. ପ୍ରଦୂଷିତ କରିଥିବା ପଦାର୍ଥ ହେଉଛି ଏକ ବର୍ଜ୍ୟବସ୍ତୁ ବା ପଦାର୍ଥ ଯାହା ପ୍ରାକୃତିକ ସମ୍ବଳ ବା ବ୍ୟବସ୍ଥାରେ ଅପ୍ରୀତିକର ପରିବର୍ତ୍ତନ ସୃଷ୍ଟି କରିଥାଏ ।

୨. (କ) କଳକାରଖାନାମାନଙ୍କରୁ ନିର୍ଗତ ଧୂଆଁ

(ଖ) ଗାଡ଼ିମୋଟରରୁ ନିଷ୍କାସିତ ଧୂଆଁ ଓ ଧୂଳିକଣା ।

୩. (କ) ହଇଜା, ଟାଇଫୋଏଡ୍ ଭଳି ରୋଗ ସୃଷ୍ଟି କରିଥାଏ ।

(ଖ) ଜଳଜ ଜୀବନକୁ କ୍ଷତି କରିଥାଏ ।

୪. ଉତ୍କଟ ଓ ଅତ୍ୟଧିକ ପାରିବେଶିକ ଶବ୍ଦ ମଣିଷ ଜୀବନ ସନ୍ତୁଳନରେ ବାଧା ସୃଷ୍ଟି କରିଥାଏ । ଏହାକୁ ଶବ୍ଦ ପ୍ରଦୂଷଣ କୁହାଯାଏ ।

**୨୩.୩**

୧. ମୃତ୍ତିକାର ପ୍ରକୃତିରେ ଅବାଞ୍ଛନିୟ ଓ କ୍ଷତିକାରକ ପରିବର୍ତ୍ତନକୁ ମୃତ୍ତିକା ଅବକ୍ଷୟ ବୋଲି କୁହାଯାଇଥାଏ ।

୨. (କ) ମୃତ୍ତିକା ଅବକ୍ଷୟ

(ଖ) ପ୍ରାକୃତିକ ବାସସ୍ଥଳୀର ଅବକ୍ଷୟ

**୨୩.୪**

୧. ଧାରଣୀୟ ବିକାଶ ଏକ ପ୍ରକ୍ରିୟା ଯାହା ଏକ ଅର୍ଥବ୍ୟବସ୍ଥାର ସାମ୍ପ୍ରତିକ ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ସହ ଭବିଷ୍ୟତ ବଂଶଧରମାନଙ୍କୁ ଅଧିକ ନହେଲେ ବି ସମାନ ସୁବିଧା ଓ ସମୃଦ୍ଧି ପ୍ରଦାନର ସାମର୍ଥ୍ୟ ବହନ କରିଥାଏ ।

୨. ଆମେ ବର୍ଷା ପାଣିକୁ ଜମା କରି ଏହାକୁ ପୁର୍ନବାର ବ୍ୟବହାର କରିପାରିବା ।





# ୨୪
# ଖାଉଟି ସଚେତନତା

ମଣିଷ ତାର ବିଭିନ୍ନ ଅଭାବ ପୂରଣ କରିବା ପାଇଁ ମୂଲ୍ୟ ଦେଇ ଦ୍ରବ୍ୟ ଓ ସେବା କିଣିଥାଏ । କିନ୍ତୁ କିଣିଥିବା ଦ୍ରବ୍ୟ ଓ ସେବା ଯଦି ଖରାପ ଗୁଣ ବା ନିମ୍ନଧରଣର ଥିବ ବା ଦରକାରଠାରୁ ଅଧିକ ମୂଲ୍ୟର ଥିବ, ଭୁଲ ପରିମାଣର ମପା ହୋଇଥିବ ତେବେ ଜଣେ କ'ଣ କରିବ । ଏହିଭଳି ପରିସ୍ଥିତିରେ ଖାଉଟିମାନେ ତୃପ୍ତି ପାଇବା ପରିବର୍ତ୍ତେ ଅନୁଭବ କରନ୍ତି, ଉକ୍ତ ବିକ୍ରେତା ଯିଏ ଦ୍ରବ୍ୟ ଓ ସେବା ବିକ୍ରି କରିଥିଲା ସେ ଖାଉଟିକୁ ଠକିଲା ଭଳି ମନେହେବ । ଏହାର କ୍ଷତିପୂରଣ ସହିବା ମଧ୍ୟ ବିକ୍ରେତାର କର୍ତ୍ତବ୍ୟ । ଅନ୍ୟପକ୍ଷରେ ଖାଉଟିମାନେ ମଧ୍ୟ ଅନୁଭବ କରିବା ଦରକାର ଯେ ସେମାନଙ୍କର ଖାଲି ଅଧିକାର ନୁହେଁ ବରଂ ଦାୟିତ୍ୱ ମଧ୍ୟ ଅଛି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେମାନେ ଜାଣିପାରିବ –

- ଜାଣିପାରିବ ଖାଉଟି କ'ଣ, ଦ୍ରବ୍ୟ ଓ ସେବା କ'ଣ ଓ ଖାଉଟି ସଚେତନତା ହେବାର ଅର୍ଥ କ'ଣ ;
- ଖାଉଟିମାନଙ୍କୁ ସଚେତନ କରିବା ପଛରେ କ'ଣ ଆବଶ୍ୟକତା ରହିଛି ;
- ଭାରତର ଖାଉଟି ଅଭିଯୋଗ ନିବାରଣ ବ୍ୟବସ୍ଥା ବିଷୟରେ ବୁଝିବା ;
- ଅନୁଭବ କରିବ ଯେ ଏକ ଖାଉଟିର ଅଧିକାର ଓ ତାହାର ଦାୟିତ୍ୱ ସମ୍ବନ୍ଧରେ ;
- ଏକ ଖାଉଟି କିଭଳି ତାହାର ଆପତ୍ତି ଅଭିଯୋଗ ଖାଉଟି ନ୍ୟାୟାଳୟରେ ପଞ୍ଜିକରଣ କରିବ ତାହାର କାର୍ଯ୍ୟପଦ୍ଧତି ବିଷୟରେ ବୁଝିପାରିବ ଏବଂ
- ଭାରତରେ ଖାଉଟି ଆନ୍ଦୋଳନ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଜାଣିପାରିବ ।

## ୨୪.୧ କିଛି ସଂଜ୍ଞା

ପ୍ରଥମେ ଆମେ ଏକ ଖାଉଟି, ତାହାପରେ ଦ୍ରବ୍ୟ ଓ ସେବା ଓ ତାପରେ ଖାଉଟିମାନଙ୍କର ସଚେତନ ହେବାର ଅର୍ଥ ଜାଣିପାରିବା ।





## • ଖାଉଟି କିଏ ?

ଆରମ୍ଭ କରିବା ଏକ ଖାଉଟିର ସଂଜ୍ଞାରୁ । ଯେଉଁ ବ୍ୟକ୍ତି ଦ୍ରବ୍ୟ ଓ ସେବା କ୍ରୟ କରିଥାଏ ତାକୁ ଖାଉଟି କୁହାଯାଏ । କ୍ରେତାର ସହମତି ସହ ଦ୍ରବ୍ୟ ଓ ସେବାର ସେ ବ୍ୟବହାର କରିଥାଏ ତାକୁ ମଧ୍ୟ ଖାଉଟିର ଆଖ୍ୟା ଦିଆଯାଇଥାଏ । କିନ୍ତୁ ଜଣେ ବ୍ୟକ୍ତି ଯଦି କିଛି ଦ୍ରବ୍ୟ ଓ ସେବା କିଣିଥାଏ ଓ ତାହାକୁ ଆଉଥରେ ବିକ୍ରି କରିବାପାଇଁ ଚାହେଁ ତାହାହେଲେ ଉକ୍ତ ବ୍ୟକ୍ତିକୁ ଖାଉଟି କୁହାଯିବ ନାହିଁ ।

## ଦ୍ରବ୍ୟ ଓ ସେବାଗୁଡ଼ିକ କ'ଣ ?

ନିର୍ମାଣ ବା ଉତ୍ପାଦନ କାର୍ଯ୍ୟରୁ ଯେଉଁ ଉତ୍ପାଦ ବାହାରିଥାଏ, ତାହାକୁ ପାଇକାରୀ ଏବଂ ଦ୍ରବ୍ୟ ଖୁଚୁରା ବ୍ୟବସାୟୀମାନେ ଖାଉଟିମାନଙ୍କୁ ବିକ୍ରି କରିଥାନ୍ତି । ଉକ୍ତ ଉତ୍ପାଦଗୁଡ଼ିକୁ ଦ୍ରବ୍ୟ କୁହାଯାଏ । ବିଭିନ୍ନ କ୍ଷେତ୍ର ଯେପରିକି ବ୍ୟାଙ୍କିଙ୍ଗ, ବିତ୍ତ ବ୍ୟବସ୍ଥା, ପରିବହନ ବୀମା, ଇଲେକ୍ଟ୍ରିକାଲର ଯୋଗାଣ, ଶକ୍ତି, ଗୃହ ନିର୍ମାଣ, ଜଳ ଯୋଗାଣ, ସ୍ୱାସ୍ଥ୍ୟ ଆମୋଦପ୍ରମୋଦ ପ୍ରଭୃତିର ବ୍ୟବହାର କରୁଥିବା ଲୋକମାନଙ୍କ ପାଖକୁ ଏହି ସେବା ନେବାର ସୁଯୋଗକୁ ଯୋଗାଇଦେବାକୁ ସେବା କୁହାଯାଏ । କିନ୍ତୁ ଯେଉଁ ସେବା ମାଗଣାରେ ଉପଲବ୍ଧ କରାଯାଏ ବା ବ୍ୟକ୍ତିଗତ ଥାଏ ତାହା ଉପରୋକ୍ତ ସେବା କୁହାଯିବ ନାହିଁ ।

## ଖାଉଟିମାନଙ୍କର ସଚେତନତା

ଖାଉଟିମାନଙ୍କର ସଚେତନତା ନିମ୍ନରେ ଉଲ୍ଲେଖ କରାଯାଇଥିବା ପ୍ରମୁଖ ସଂଯୋଗକୁ କୁହାଯାଇଥାଏ ।

୧. କିଣିଥିବା ଉତ୍ପାଦର ଗୁଣ ସମ୍ବନ୍ଧରେ ଖାଉଟିମାନଙ୍କର ଜ୍ଞାନ ଥିବା ଦରକାର । ଉଦାହରଣ ସ୍ୱରୂପ ଉକ୍ତ ଖାଉଟି ଜାଣିଥିବା ଦରଟକାଙ୍କର କିଣିବା ଦ୍ରବ୍ୟଟି ତାହାର ସ୍ୱାସ୍ଥ୍ୟ ପାଇଁ ହିତକାରକ ନା ହାନୀକାରକ । ଏହି ଦ୍ରବ୍ୟଗୁଡ଼ିକ ଆମ ପରିବେଶର କ୍ଷତିକାରକରୁ ମୁକ୍ତି ହେବା ଆବଶ୍ୟକ ।

୨. ଉକ୍ତ ଦ୍ରବ୍ୟ ସହିତ ଜଡ଼ିତ ବିଭିନ୍ନ ସମସ୍ୟା ଓ କ୍ଷତିକାରକ ଜିନିଷ ଲୋକମାନଙ୍କୁ ଶିକ୍ଷିତ କରାଇବା ଦରକାର । ଉଦାହରଣ ସ୍ୱରୂପ ଖବରକାଗଜ ବା ଟିଭିରେ ବିଜ୍ଞାପନ କରି ଉକ୍ତ ଦ୍ରବ୍ୟକୁ ବିକ୍ରି କରାଇବା । ଖାଉଟିମାନଙ୍କୁ ବିଜ୍ଞାପନର କୁପ୍ରଭାବ ସମ୍ପର୍କରେ ମଧ୍ୟ ଅବଗତ କରାଇବା ଉଚିତ୍ । ସେମାନଙ୍କୁ ବିଜ୍ଞାପନର ସାରକଥାକୁ ମଧ୍ୟ ଯାଞ୍ଚ କରିବା ଦରକାର ।

୩. ଖାଉଟି ଅଧିକାର ବିଷୟରେ ଜ୍ଞାନ : ଏହାର ଅର୍ଥ ହେଉଛି ପ୍ରଥମତଃ ଖାଉଟିମାନଙ୍କର ଜାଣିବା ଦରକାର ଯେ ଉଚିତ୍ ଜିନିଷ କିଣିବାର ତାର ପୁରା ଅଧିକାର ଅଛି । ଦ୍ୱିତୀୟତଃ, କୌଣସି କାରଣରୁ ଯଦି ଦ୍ରବ୍ୟଟି ଖରାପ ପଡ଼ିଲା ତେବେ ଆପତ୍ତି ଦର୍ଶାଇ ଫେରସ୍ତ କିମ୍ବା ଦ୍ରବ୍ୟର କ୍ଷତିପୂରଣ ଦାବୀ କରିବା ପାଇଁ ତାର ଜ୍ଞାନ ଥିବା ଉଚିତ୍ କାରଣ ଏହା ତାର ଆଇନଗତ ଅଧିକାର ।

୪. ଖାଉଟିମାନଙ୍କର ନିଜ ଦାୟୀତ୍ୱ ସମ୍ପର୍କରେ ଜ୍ଞାନ : ଏହାର ଅର୍ଥ ହେଉଛି ଅଯଥା ଓ ଅଦରକାରୀ ଉପଭୋଗରେ ଖାଉଟିମାନେ ନ୍ୟସ୍ତ ହେବା କଥା ନୁହେଁ ।



ଟିପ୍ପଣୀ

## ୨୪.୨ ଖାଉଟି ସଚେତନତାର ଆବଶ୍ୟକତା

ଆଜିର ବଜାରରେ ବିଭିନ୍ନ କିସମର ବହୁ ଦ୍ରବ୍ୟ ଓ ସାମଗ୍ରୀର ବନ୍ୟା ଛୁଟିଛି । ଦ୍ରବ୍ୟର ଉତ୍ପାଦନକାରୀ ଓ ବିକ୍ରେତାଙ୍କର ସଂଖ୍ୟା ବହୁ ଅଧିକ । ତେଣୁ କେଉଁ ବିକ୍ରେତା ବା ଉତ୍ପାଦନକାରୀ ସଠିକ ତାହା ଜାଣିବା କଷ୍ଟକର ବ୍ୟାପାର । ବିଭିନ୍ନ ଦ୍ରବ୍ୟର ଉତ୍ପାଦନକାରୀ ବ୍ୟବସାୟୀ ବା ବିକ୍ରେତାମାନେ ସାଧାରଣତଃ ଅଧିକ ଲାଭପାଇଁ ଆଶା ପୋଷଣ କରନ୍ତି । ବେଳେବେଳେ ସେମାନଙ୍କ ମଧ୍ୟରୁ କେତେକ ବେଶି ଲୋଭ କରି ଖାଉଟିମାନଙ୍କୁ ଶୋଷଣ କରିବାକୁ ଉଦ୍ୟମ କରନ୍ତି । ଆଜିକାଲି ପୁଣି ସୂଚନା କ୍ଷେତ୍ରରେ ଉନ୍ନତି ଯୋଗୁଁ କ୍ରେତା ଓ ବିକ୍ରେତା ମଧ୍ୟରେ ଦୂରତ୍ୱ ଆହୁରି ବଢ଼ିଯାଇଛି । କାରଣ ଖାଉଟିମାନେ ନିଜେ ଘରେ ବସି ଇଣ୍ଟରନେଟ ମାଧ୍ୟମରେ ଦ୍ରବ୍ୟ କିଣିପାରୁଛନ୍ତି ଓ ଘରେ ରହି ମଧ୍ୟ ପାଇପାରୁଛନ୍ତି । ମନଲୋଭା ବିଜ୍ଞାପନରେ ଭୁଲିଯାଇ କେତେକ ଖାଉଟି ପ୍ରତାରଣାର ଶିକାର ହେଉଛନ୍ତି । ସାଧାରଣ ଲୋକମାନେ ସହଜରେ ବିକ୍ରେତାମାନଙ୍କ କଥାକୁ ବିଶ୍ୱାସ କରିଥାନ୍ତି । ଉଦ୍ଦେଶ୍ୟମୂଳକ ଭାବରେ ଦ୍ରବ୍ୟ ବିଷୟରେ ସଠିକ୍ ସୂଚନା ଗୁପ୍ତ ରଖିଥାନ୍ତି ।

ପ୍ୟାକେଟ୍‌ରେ ଥିବା ଖାଦ୍ୟଦ୍ରବ୍ୟ ଓ ଔଷଧ ଦ୍ରବ୍ୟର ପ୍ୟାକେଟ ଉପରେ ଏକ ତାରିଖ ଲେଖା ହୋଇଥାଏ । ଏହି ତାରିଖରୁ ଆମେ ସୂଚନା ପାଇଥାଉ ଯେ ଉକ୍ତଦ୍ରବ୍ୟଟି ଲେଖାହୋଇଥିବା ତାରିଖ ଭିତରେ ଉପଭୋଗ କରିବା ଦରକାର ନଚେତ୍ ଉକ୍ତ ଦ୍ରବ୍ୟଟିର କୁପ୍ରଭାବ ଦେଖାଦେବ । ଏହା ଯେହେତୁ ଖାଉଟିମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭବ ପକାଇଥାଏ ଏହି ସୂଚନାଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅଟେ । ବେଳେବେଳେ ଏହି ସୂଚନାଟି ହୁଏତ ଦିଆ ନହୋଇଥିବା ବା ବିକ୍ରେତା ଉଦ୍ଦେଶ୍ୟମୂଳକ ଭାବେ କ୍ରେତାର ନମାଗିବା ହେତୁ ଗୁପ୍ତ ରଖିଥାଏ ।

କେତେକ ସମୟରେ ଏହାମଧ୍ୟ ଘଟିଥାଏ ଏକ ଖାଉଟି ଦ୍ରବ୍ୟ ଓ ସେବା କିଣିବା ସମୟରେ ବିକ୍ରେତାଠାରୁ ପାଉଣାର ରସିଦ୍ ନେଇନଥାଏ ବା ବିକ୍ରେତା ନିଜେହିଁ ଏହା ଦେଇ ନଥାଏ । ଏହା କରିବା ଦ୍ୱାରା ବିକ୍ରେତା ସରକାରଙ୍କୁ କର ଦେଇନଥାଏ । ଏହି କରକୁ ମୂଲ୍ୟଯୁକ୍ତ କର (ଭାଟ୍) କୁହାଯାଏ । ଏହା ଦ୍ରବ୍ୟର ଉତ୍ପାଦନର ପ୍ରତ୍ୟେକ ଥର ଯେତେଥର ଦ୍ରବ୍ୟର ମୂଲ୍ୟ ବଢ଼ିଥାଏ ତା'ଉପରେ କର ବସିଥାଏ । ସେହି କର ଯେତେବେଳେ ଦ୍ରବ୍ୟର ଦର ସହିତ ମିଶିଯାଏ ଦ୍ରବ୍ୟର ଦର ବୃଦ୍ଧିପାଏ ଓ ପାଉଣାର ରସିଦ୍‌ରେ ଏହା ଲିଖିତ ଆକାରରେ ଥାଏ । କିନ୍ତୁ ବିକ୍ରେତାମାନେ କ୍ରେତାମାନଙ୍କୁ ଆକୃଷ୍ଟ କରିବା ପାଇଁ କରକୁ ଛାଡ଼କରି ଦର ଦାମ୍‌ରେ ହ୍ରାସ କରିଥାନ୍ତି । ତେଣୁ ସେମାନେ ବିଲ୍ ଦେଇ ନଥାନ୍ତି । ଯେହେତୁ ଏକ ଦ୍ରବ୍ୟର ଦାମ କମ୍‌ଥାଏ, କ୍ରେତାମାନେ ବିଲ୍ ନେବା ଜରୁରୀ ମନେକରନ୍ତି ନାହିଁ । କିନ୍ତୁ ଏଥିଯୋଗୁଁ ଦୁଇଟି ସମସ୍ୟା ହୋଇଥାଏ । ପ୍ରଥମତଃ କର ଯୋଗୁଁ ଯେଉଁ ରାଜସ୍ୱ ସରକାର ଲାଭ କରିଥାନ୍ତେ ତାହାଠାରୁ ବଞ୍ଚିତ ହୁଅନ୍ତି ଓ ଦ୍ୱିତୀୟତଃ ଖାଉଟିମାନେ ଉକ୍ତ ଦ୍ରବ୍ୟଟି କୌଣସି ଅସୁବିଧା ଯୋଗୁଁ ଫେରେଇବା ପାଇଁ ଚାହୁଁଥିଲାବେଳେ ବିଲ ଅଭାବରୁ ତାହା କରିପାରନ୍ତି ନାହିଁ କାରଣ ତାଙ୍କର ଜିନିଷ କିଣିବାର କୌଣସି ପ୍ରମାଣ ନଥାଏ ।

ଅନ୍ୟଏକ ମୁଖ୍ୟ ସମସ୍ୟା ହେଉଛି ଖାଉଟିମାନଙ୍କର ପରସ୍ପର ଭିତରେ ଏକତା ବା ସଂଗଠନ ନାହିଁ । ଅନ୍ୟପକ୍ଷରେ ଉତ୍ପାଦନକାରୀ ଓ ବାଣିଜ୍ୟିକ ସଂଘ ବିକ୍ରେତାମାନଙ୍କର ଭଲମନ୍ଦକୁ ସୁରକ୍ଷିତ କରୁଛି । ଯାହାଫଳରେ ବିକ୍ରେତାମାନଙ୍କର ସଂଘ ଆହୁରି ସୁଦୃଢ଼ ହୋଇଉଠୁଛି । କିନ୍ତୁ କ୍ରେତାମାନେ ହେଉଛନ୍ତି ଅସଂଘଟିତ ଓ ଦୁର୍ବଳ । ଯାହାଫଳରେ କ୍ରେତାମାନଙ୍କୁ ଦୋକାନି ଠକେଇକରି ଶୋଷଣ କରିଥାନ୍ତି ।



ଟିପ୍ପଣୀ

ଏହି କାରଣଗୁଡ଼ିକ ପାଇଁ ଖାଉଟି ସୁରକ୍ଷା ଆନ୍ଦୋଳନର ଆବଶ୍ୟକତା ଅନୁଭୂତ ହୁଏ । ନିଜର ଅଧିକାର ଓ କିଭଳି ଏହାକୁ ସକ୍ରିୟ ଭାବରେ କାର୍ଯ୍ୟକାରୀ କରିବେ ସେହି ବିଷୟରେ ଉପଭୋକ୍ତାମାନେ ବା ଖାଉଟିମାନେ ଅବଗତ ହେବା ଆବଶ୍ୟକ ।

ଏହା ମଧ୍ୟ ଜାଣିରଖିବା ଦରକାର ଯେ କେବଳ ଖାଉଟି ଅଧିକାରକୁ ହିଁ ଖାଉଟିମାନଙ୍କର ଜାଗ୍ରତ ହେବାକୁ ବୁଝାଯିବ ନାହିଁ । ଏହା ଆମେ ସମସ୍ତେ ଭଲ ଭାବରେ ଜାଣିଛୁ ଯେ କେତେ ଉପଭୋକ୍ତା ନିଜର ମୁଦ୍ରାଶକ୍ତି ବଳରେ ବିନା ଭାବିଚିନ୍ତି ଅଯଥା ଜିନିଷପତ୍ର କିଣିଥାନ୍ତି । ଏହା ଆମ ସମାଜକୁ ଧନୀ ଖାଉଟି ଓ ଗରିବ ଖାଉଟି ଭଳି ଦୁଇ ଭାଗରେ ବିଭାଜନ କରିଛି । ସେହିଭଳି ଭାବରେ ଉପଭୋଗ ପରେ ବର୍ଜ୍ୟବସ୍ତୁ କିପରି ସୁରକ୍ଷି ଭାବରେ ନିଷ୍କାସନ ହେବ ଖାଉଟିମାନେ ପ୍ରାୟତଃ ନଜର ଦେଇନଥାନ୍ତି । ଯେତେବେଳେ ସ୍ୱଳ୍ପ ମୂଲ୍ୟରେ ଦ୍ରବ୍ୟ କିଣିବା ପାଇଁ ଖାଉଟିମାନେ ବିକ୍ରେତାମାନଙ୍କଠାରୁ ବିଲ୍ ଚାହିଁନଥାନ୍ତି । ଏତଦ୍ୱାରା ବିକ୍ରେତାମାନେ କର ସରକାରଙ୍କୁ ଠକି ବା ଫାଙ୍କିଥାନ୍ତି । ତେଣୁ ଖାଉଟିମାନଙ୍କୁ ତାଙ୍କର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ନିହାତି ଆବଶ୍ୟକ ।

ଖାଉଟିମାନେ ଅଧିକ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା କଥା ଓ ସରକାରଙ୍କ ସହିତ ହାତ ମିଳେଇ ଚାଲିବା ଦରକାର ।

## ପାଠଗତ ପ୍ରଶ୍ନାବଳୀ ୨୪.୧

୧. କେଉଁମାନେ ଖାଉଟି ନୁହଁନ୍ତି ?

୨. ଖାଉଟିମାନଙ୍କୁ ଦ୍ରବ୍ୟ କିଣିବା ସମୟରେ ବିଲ୍ ନନେବାର କାରଣ କ'ଣ ?

୩. ମୂଲ୍ୟଯୁକ୍ତ କର କହିଲେ କ'ଣ ବୁଝ ?

## ୨୪.୩ ଭାରତରେ ଖାଉଟି ଅଭିଯୋଗ ନିରାକରଣ ବ୍ୟବସ୍ଥା

ଖାଉଟିମାନଙ୍କର ଉପକାର ପାଇଁ ତଥା ସଚେତନତା ପାଇଁ ବିଭିନ୍ନ ଆଇନଗତ ଓ ପ୍ରଶାସନିକ ଜନିତ ବ୍ୟବସ୍ଥା ପ୍ରଣୟନ କରାଯାଇଛି । ଏହା ବୁଝିବା ତୁମମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଖାଉଟି ଅଭିଯୋଗ ନିରାକରଣ ବ୍ୟବସ୍ଥା ହେଉଛି ଏକ ଏଭଳି ବ୍ୟବସ୍ଥା ଯେଉଁଥିରେ ଖାଉଟି କ୍ଷତିଗ୍ରସ୍ତ ହେଲେ ଖାଉଟି ଫୋରମ୍ ନିକଟରେ ଆପତ୍ତି ଅଭିଯୋଗ ଦର୍ଶାଇ ସୁବିଚାର ଆଶା କରିବା ସହ ଓ ଉଚିତ୍ ନ୍ୟାୟ ପାଇପାରିବା

ଭାରତୀୟ ସଂସଦଦ୍ୱାରା ଗୃହୀତ ଆଇନ୍ ଯେଉଁଥିରେ ବିଶେଷକରି ଉଲ୍ଲେଖ କରାଯାଇଛି ଖାଉଟିମାନଙ୍କର ସୁରକ୍ଷା ପାଇଁ ଆମେ ଭାରତ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇବା ଉଚିତ୍ । ଏହା ଖାଉଟି ସୁରକ୍ଷା ଆଇନ ଭାବରେ ପରିଚିତ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ତାଙ୍କ ଅଧିକାର ଓ ଦାୟିତ୍ୱ ବିଷୟରେ ଅବଗତ କରାଇବା ଏବଂ ସେମାନଙ୍କର ଅଭିଯୋଗର ନିରାକରଣ କରିବା । କ୍ଷତିଗ୍ରସ୍ତ ଖାଉଟିମାନଙ୍କର ଅଭିଯୋଗ ଶୁଣାଣି ପାଇଁ ବିଭିନ୍ନ ଅନୁଷ୍ଠାନ ଅଛି ଯେପରିକି ସରକାରୀ ବିଭାଗ ଏବଂ ଖାଉଟି ନ୍ୟାୟାଳୟ । ଏହା ନିମ୍ନରେ ଆମେ ଆଲୋଚନା କରିବା ।





## ୨୪.୩.୧ ସରକାରୀ ବ୍ୟବସ୍ଥାପକ

ଭାରତର ସ୍ୱାଧୀନତା ପୂର୍ବରୁ ମଧ୍ୟ ଆମ ଦେଶରେ ସରକାରଙ୍କର ସଂସଦ ଦ୍ୱାରା ଗୃହୀତ ବିଭିନ୍ନ ଆଇନ ଖାଉଟିମାନଙ୍କର ସୁରକ୍ଷା ପାଇଁ ଅଛି । କିନ୍ତୁ ଏଥିମଧ୍ୟରୁ ଖାଉଟି ସୁରକ୍ଷା ଆଇନ୍ ୧୯୮୬ ହେଉଛି ଗୁରୁତ୍ୱ ହେଉଛି ଗୁରୁତ୍ୱପୂର୍ଣ୍ଣ ଆଇନ ଯାହା ଖାଉଟିମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେଲେ ତାଙ୍କୁ ସବୁ ପ୍ରକାର ସାହାଯ୍ୟ ଓ ପରାମର୍ଶ ଦେଇଥାଏ । ଖାଉଟି ସୁରକ୍ଷା ଆଇନ ମୁଖ୍ୟତଃ ଖାଉଟିମାନଙ୍କର ସୁରକ୍ଷା ନିମିତ୍ତ ଗଠନ କରାଯାଇଛି ।

ସେହିଭଳି ଭାବରେ ଖାଉଟିମାନଙ୍କ ସୁରକ୍ଷା ପାଇଁ ଆଉ କେତୋଟି ଆଇନ ସ୍ୱାଧିନତା ପରେ ମଧ୍ୟ ପ୍ରଣୟନ କରାଯାଇଛି । ସେଇଗୁଡ଼ିକ ହେଲା ଖାଦ୍ୟ ଅପମିଶ୍ରଣ ନିବାରଣ ଆଇନ ୧୯୫୪ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ୍, ୧୯୫୫ ଏବଂ ସାଧାରଣ ଓଜନ ଓ ପରିମାପ ଆଇନ ୧୯୭୬ ।

ଖାଉଟି ସୁରକ୍ଷା ଆଇନ ପ୍ରଣୟନ କରାଯାଇଥିଲା ଦେଶରେ ଥିବା ଲକ୍ଷ୍ୟାଧିକ ଖାଉଟିମାନଙ୍କୁ ଶସ୍ତା, ସରଳ ଓ ଶୀଘ୍ର ନ୍ୟାୟ ଦେବା ପାଇଁ । ଖାଉଟିମାନଙ୍କର ସ୍ୱାର୍ଥରକ୍ଷା ନିମିତ୍ତ ଆଶୁ ବିଚାର ବ୍ୟବସ୍ଥା ଅଛି । ଏହା କମ୍ ଖର୍ଚ୍ଚରେ ହୁଏ ଓ କମ୍ ଲେଖାପଢ଼ା କାର୍ଯ୍ୟ ଥାଏ । ତେଣୁ ବେଶି ବିଳମ୍ବ ହୁଏ ନାହିଁ । ଏହା ମଧ୍ୟ କମ୍ ଲେଖାପଢ଼ା କାର୍ଯ୍ୟ ଥାଏ ତେଣୁ ବେଶୀ ବିଳମ୍ବ ହୁଏ ନାହିଁ । ଏହା ମଧ୍ୟ କମ୍ ବ୍ୟୟ ବହୁଳ । ଏହି ଆଇନ ପ୍ରାୟତଃ ସବୁ ଦ୍ରବ୍ୟ ଓ ସେବା ଉପରେ ଲାଗୁ ହୋଇଥାଏ କେବଳ ମାତ୍ର ଅଳ୍ପ ଦ୍ରବ୍ୟକୁ ଛାଡ଼ି ଯାହାକୁ ବିଶେଷକରି ବହିଷ୍କାର କରିଥାଏ । ଏହା ସରକାରୀ, ବେସରକାରୀ ଓ ସହଯୋଗୀ କ୍ଷେତ୍ରରେ ଲାଗୁ ହୋଇଥାଏ । ଖାଉଟି ସରକାରଙ୍କର ପଦସ୍ଥ ଅଫିସରମାନଙ୍କ ଦ୍ୱାରା ବା ପୌରସଂସ୍ଥା ବ୍ୟକ୍ତିଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେଲେ ଖାଉଟି ଫୋରମ୍ ନିକଟରେ ଆପତ୍ତି ଦର୍ଶାଇ ପାରିବ । ଏହା ଯେକୌଣସି ସେବା ହୋଇପାରେ ଯେପରିକି ରାସ୍ତାରେ ଲାଇଟ୍ ବ୍ୟବସ୍ଥା, ପିଇବା ପାଣି, ନାଳ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ।

ବର୍ତ୍ତମାନ ଖାଉଟି ସୁରକ୍ଷା ଆଇନରେ କେତେକ ନୂତନ ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଛି ତାହା ନିମ୍ନରେ ଦିଆଯାଇଛି।

୧. ଖାଉଟିମାନେ ନିଜ ଇଚ୍ଛା ଅନୁଯାୟୀ ଯେଉଁ ସ୍ଥାନରେ ଚାହିଁବେ ନିଜର ଆପତ୍ତି ଅଭିଯୋଗ ଦାଖଲ କରିପାରିବେ ।

୨. ଯେଉଁ ଅସାଧୁ ବ୍ୟବସାୟ ପ୍ରତିଷ୍ଠାନ ନାଁରେ ଆପତ୍ତି ଦାଖଲ କରାଯାଏ, ସେହି ପ୍ରତିଷ୍ଠାନ ନିଜର ଇଚ୍ଛାର ଅଦାଲତରେ ମକଦ୍ଦମାର ବିଚାର କରିବା ପାଇଁ ବାଧ କରିପାରିବ ନାହିଁ ।

୩. ବେଳେବେଳେ କେତେକ ବ୍ୟବସାୟିକ ସଂସ୍ଥା ନିଜର ଗ୍ରାହକଙ୍କର ବ୍ୟକ୍ତିଗତ ସୂଚନା ଅନ୍ୟ ବ୍ୟାଙ୍କ ବା ବୀମା କମ୍ପାନୀକୁ ଦେଇଦିଅନ୍ତି । ସେହିଭଳି କ୍ଷେତ୍ରରେ ଉକ୍ତ ଗ୍ରାହକ ସେହି କମ୍ପାନୀ ନାମରେ ମାମଲା ଦାୟର କରିପାରିବେ ।

୪. କୋଠାବାଡ଼ି ନିର୍ମାତାକାରୀଙ୍କୁ ମଧ୍ୟ ବ୍ୟବସାୟୀ ବୋଲି ଗଣାଯାଏ ତେଣୁ ଖାଉଟି ନ୍ୟାୟାଳୟରେ ସେମାନଙ୍କ ନାମରେ ମଧ୍ୟ ମାମଲା ରୁଜୁ କରାଯାଇପାରିବ ।

୫. ବିଦେଶୀ ସଂସ୍ଥା ଯେଉଁମାନେ ଇଣ୍ଟରନେଟ୍ ମାଧ୍ୟମରେ ବା ଫୋନ ମାଧ୍ୟମରେ ଜିନିଷ ବିକ୍ରି କରିବାକୁ ଚାହାଁନ୍ତି ସେମାନଙ୍କୁ ଭାରତରେ ଏକ କାର୍ଯ୍ୟାଳୟ ଖୋଲିବାକୁ ବାଧ ହୋଇଥାନ୍ତି । ଜିନିଷର ବିକ୍ରି ପୂର୍ବରୁ ତାହାକୁ ଯାଞ୍ଚ କରିବାକୁ ପଡ଼ିଥାଏ, ନହେଲେ ୩୦ ଦିନ ମଧ୍ୟରେ ସେମାନଙ୍କୁ ଜିନିଷ ଫେରାଇ ନେବାକୁ ପଡ଼ିଥାଏ ।

୬. ଏହି ଆଇନକୁ ପ୍ରତ୍ୟାହାର କରିବା ପାଇଁ ବିଭିନ୍ନ ବିଭାଗ ରାଜ୍ୟ ସରକାରଙ୍କର ଯେପରିକି ଡାକ, ଟେଲିକମ୍, ପାସ୍‌ପୋର୍ଟ ଅଫିସ୍, ପୌର କାର୍ଯ୍ୟାଳୟ, ରେଳ ଇତ୍ୟାଦି ଏହାର ହେଉଛନ୍ତି କାରଣ ସେମାନଙ୍କୁ ଲୋକମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ସାମ୍ନା କରିବାକୁ ପଡ଼ିପାରେ ।

## ପାଠଗତ ପ୍ରଶ୍ନାବଳୀ ୨୪.୨

ଟିପ୍ପଣୀ

୧. ଏଗୁଡ଼ିକର ପୂର୍ଣ୍ଣ ନାମ ଲେଖ CPA, ECA, SWMA।

୨. ଭାରତରେ କିଭଳି ଏକ ବୈଦେଶିକ ସଂସ୍ଥା ତାହାର ଦ୍ରବ୍ୟ ବିକ୍ରି କରିପାରିବ ?

## ୨୪.୩.୨ ଖାଉଟି ଅଭିଯୋଗ ନିବାରଣ ପାଇଁ ଥିବା ବିଭିନ୍ନ ଅନୁଷ୍ଠାନ

ଭାରତୀୟ ନାଗରିକଙ୍କ ପାଇଁ ନିଜ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଏକ ଆନୁଷ୍ଠାନିକ କାର୍ଯ୍ୟାଳୟର ବ୍ୟବସ୍ଥା ଅଛି ଯାହା ଦେଶ, ରାଜ୍ୟ ଓ ଜିଲ୍ଲା ସ୍ତରରେ କାର୍ଯ୍ୟକରୁଅଛି । ଏହି ଅନୁଷ୍ଠାନ ଦୁଇ ପ୍ରକାରର ଅଛି ୧. ସରକାରୀ ପରିଷଦ ଏବଂ ୨. ଖାଉଟି କୋର୍ଟ । ଏହାଛଡ଼ା ମଧ ବିଭିନ୍ନ ଅଣସରକାରୀ ସଂସ୍ଥାଗୁଡ଼ିକୁ ସରକାରୀ ଆଇନ ଅନୁଯାୟୀ ତାଲିକାଭୁକ୍ତ କରାହୋଇଛି କ୍ଷତିଗ୍ରସ୍ତ ଖାଉଟିମାନଙ୍କୁ ସହଯୋଗ କରିବା ପାଇଁ ।

### ୧. ସରକାରୀ ପରିଷଦ

ନିମ୍ନରେ ଦିଆଯାଇଥିବା ବିଭିନ୍ନ ସରକାରୀ ପରିଷଦ ଯାହା ଦେଶ ଓ ରାଜ୍ୟ ସ୍ତରରେ କାର୍ଯ୍ୟ କରୁଅଛି ତାହାକୁ ପଢ଼ ।

ସରକାରୀ ସ୍ତରରେ ଖାଉଟି ସୁରକ୍ଷା ଅନୁଷ୍ଠାନ

କେନ୍ଦ୍ର ଖାଉଟି ସୁରକ୍ଷା ପରିଷଦ | ରାଜ୍ୟ ଖାଉଟି ସୁରକ୍ଷା ପରିଷଦ

ଆମେ ଦିଆଯାଇଥିବା ରେଖାଚିତ୍ରରେ ଦେଖିଲୁ ଯେ ଏକ କେନ୍ଦ୍ର ଖାଉଟି ସୁରକ୍ଷା ପରିଷଦ (Central Consumer Protection Council) ଯେଉଁଟି ଜାତୀୟ ସ୍ତରରେ ଅଛି, ଯାହାଙ୍କର ମୁଖ୍ୟ ଦାୟିତ୍ୱ ମହନ କରୁଛନ୍ତି ଖାଉଟି ବ୍ୟାପାର ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ, କେନ୍ଦ୍ର ସରକାର, ନୂଆଦିଲ୍ଲୀ । ରାଜ୍ୟସ୍ତରରେ ଅଛି ରାଜ୍ୟ ଖାଉଟି ସୁରକ୍ଷା ପରିଷଦ ଯାହାକି ଭାରତରେ ପ୍ରତ୍ୟେକ ରାଜ୍ୟରେ ଅଛି ଏବଂ ଏହାର ମୁଖ୍ୟ ଦାୟିତ୍ୱରେ ଅଛନ୍ତି ଖାଉଟି ବ୍ୟାପାର ଦାୟିତ୍ୱରେ ଥିବା ରାଜ୍ୟ ମନ୍ତ୍ରୀ, ରାଜ୍ୟ ସରକାର ।

### ୨. ଖାଉଟି କୋର୍ଟ

ବିଭିନ୍ନ ଖାଉଟି କୋର୍ଟ କାର୍ଯ୍ୟକାରୀ ହେଉଥିବା ରାଷ୍ଟ୍ର, ରାଜ୍ୟ ଏବଂ ଜିଲ୍ଲାସ୍ତରରେ ଜାଣିବା ପାଇଁ ନିମ୍ନରେ ଦିଆଯାଇଥିବା ରେଖାଚିତ୍ରଟିକୁ ପଢ଼ ।





ଭାରତରେ ଖାଉଟି କୋର୍ଟ

କେନ୍ଦ୍ରୀୟ ଖାଉଟି ବିବାଦ ନିବାରଣ କମିଶନ (NCDRC)

ରାଜ୍ୟ ଖାଉଟି ବିବାଦ ନିବାରଣ କମିଶନ (SCDRC)

ଜିଲ୍ଲା ଖାଉଟି ଫୋରମ୍ (DCF)

ଆମେ ରେଖାଚିତ୍ରରୁ ଜାଣିଲୁ ଯେ ଭାରତରେ ତିନୋଟି ସ୍ତରର ଖାଉଟି କୋର୍ଟ ଅଛି । ସବୁଠାରୁ ତଳେ ଅଛି ଅର୍ଥାତ୍ ଜିଲ୍ଲା ସ୍ତରରେ ଜିଲ୍ଲା ଖାଉଟି ଫୋରମ୍ । ଆମେ ଦେଶରେ ବର୍ତ୍ତମାନସୁଦ୍ଧା ୬୦୪ ଜିଲ୍ଲା ଫୋରମ୍ ଅଛି ।

ମାଧ୍ୟମିକ ସ୍ତରରେ ଅଛି ରାଜ୍ୟ ଖାଉଟି ବିବାଦ ନିବାରଣ କମିଶନ । ଆମ ଦେଶରେ ୩୫ଟି ରାଜ୍ୟ କମିଶନ ଅଛି ।

ଶେଷରେ ସବୁଠାରୁ ଉଚ୍ଚତମ ସ୍ତରରେ ଅଛି ରାଷ୍ଟ୍ର ଖାଉଟି ବିବାଦ ନିବାରଣ କମିଶନ । ଏହା ଖାଉଟିମାନଙ୍କର ଅଭିଯୋଗର ନିବାରଣ ସଂସ୍ଥାରେ, ସୁବିଧାରେ ଓ ଶୀଘ୍ର କରିବା ପାଇଁ ଚେଷ୍ଟିତ ଅଛନ୍ତି । ଗୋଟିଏ ଖାଉଟି ନ୍ୟାୟାଳୟ ଅର୍ଦ୍ଧ-ଅଦାଲତ ଯାହା ଲୋକମାନଙ୍କର ହିସାବକୁ ପ୍ରତ୍ୟେକ୍ଷ ଭାବରେ ଦୃଷ୍ଟି ଦେଇଥାଏ । କେନ୍ଦ୍ର ଓ ରାଜ୍ୟ ସରକାର ଏହି ଅଦାଲତ କାର୍ଯ୍ୟ କରିବା ପାଇଁ ବିଭିନ୍ନ ନୀତି ନିର୍ଦ୍ଧାରଣ କରିବାର ଦାୟିତ୍ୱ ନେଇଥାନ୍ତି ।

## ୨୪.୩.୩ ବିବାଦ ନିବାରଣ ଦଳ ଗଠନ

ଏବେ ପ୍ରଶ୍ନଉଠେ – କିଭଳି ଏକ ଖାଉଟି ଯିଏକି ଠକେଇ ହୋଇଥିବ ନିଜର କ୍ଷତି ପୂରଣର ଦାବି କରିପାରିବ ? ଏହା ପାଇଁ ଉକ୍ତ ଲୋକଟି ଖାଉଟି କୋର୍ଟକୁ ଯାଇ ଲିଖିତ ଅଭିଯୋଗ ନିଜେ ବା ଓକିଲ ସାହାଯ୍ୟରେ ଦାୟର କରିପାରିବ । ନିଜେ କିଣିଥିବା ଦ୍ରବ୍ୟର ମୂଲ୍ୟ ଅନୁଯାୟୀ କେଉଁ ଖାଉଟି କୋର୍ଟରେ ଦାଖଲ କରାହେବ ତାହା ଦ୍ରବ୍ୟର ମୂଲ୍ୟ ଉପରେ ନିର୍ଭର କରେ । ଯଦି ଉକ୍ତ ଦ୍ରବ୍ୟର ବା ସେବାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ତେବେ କ୍ଷତିଗ୍ରସ୍ତ ଖାଉଟି ଜିଲ୍ଲା ଫୋରମ୍‌ରେ ଲିଖିତ ଅଭିଯୋଗ ଦାୟର କରିପାରିବ । ଯଦି ଦ୍ରବ୍ୟ ବା ସେବାର ମୂଲ୍ୟ ଏକ କୋଟି ଟଙ୍କାର ହେବ ତେବେ ଉକ୍ତ ଖାଉଟି ରାଜ୍ୟ କମିଶନ ପାଖରେ ଅଭିଯୋଗ କରିବ । ଶେଷରେ ଯଦି ଏକ କୋଟି ଟଙ୍କାରୁ ଅଧିକ ମୂଲ୍ୟର ହୋଇଥିବ ତେବେ ନିଜର ଆପତ୍ତି ନିବାରଣ ପାଇଁ କେନ୍ଦ୍ରୀୟ କମିଶନ ପାଖକୁ ଯିବ । ଖାଉଟି ସୁରକ୍ଷା ଆଇନ ଅନୁଯାୟୀ ୯୦-୧୫୦ ଦିନ ମଧ୍ୟରେ ହିଁ ଅଭିଯୋଗର ଶୁଣାଣି ସରିଥିବା ଦରକାର । ଜିଲ୍ଲା ଫୋରମ୍‌ର ବିଚାରରେ ସନ୍ତୁଷ୍ଟ ନହେଲେ ଖାଉଟି ରାଜ୍ୟ ଖାଉଟି କମିଶନଙ୍କ ପାଖରେ ଆପତ୍ତି ଜଣାଇପାରିବ । ରାଜ୍ୟ କମିଶନଙ୍କ ନିଷ୍ପତ୍ତି ବିରୋଧ ରେ କେନ୍ଦ୍ର କମିଶନଙ୍କ ନିକଟରେ ଅଭିଯୋଗ କରିପାରିବ ।

## ୨୪.୩.୪ ତୁମର କ'ଣ କରିବା ଦରକାର ? କିପରି ଅଭିଯୋଗ ଦାୟର କରିବେ ?

ଅଭିଯୋଗ ଦାଖଲ କରିବା ପାଇଁ କ୍ଷତିଗ୍ରସ୍ତ ହୋଇଥିବା ଉପଭୋକ୍ତାଙ୍କର କାଖରେ କିଣିଥିବା ଦ୍ରବ୍ୟର ବିଲ୍ ବା କ୍ୟାସମେମୋ ଥିବା ନିତ୍ୟାନ୍ତ ଆବଶ୍ୟକ । ଖାଉଟି ସୁରକ୍ଷା ଆଇନ୍‌ର ବହିରୁ ଆମେ ଅଭିଯୋଗ ଫର୍ମ ଦାଖଲର ପ୍ରଣାଳୀ ବିଷୟରେ ଜାଣିପାରିବା । ଉକ୍ତ ଲୋକଟି ତାହାପରେ ନିଜର ବାଛିଥିବା କୋଠରୀରେ ନିଜର ଆପତ୍ତି ଦାଖଲ କରିପାରିବ । ଏହି କୋଠରୀଗୁଡ଼ିକ ହେଲା ପକ୍ଷପାତି ବାଣିଜ୍ୟିକ ପ୍ରକ୍ରିୟା, ସେବାର ଅଭାବ ଇତ୍ୟାଦି ।





ଏହାପରେ ଆପତ୍ତିର ବିଷୟବସ୍ତୁ ସରଳ ଭାଷାରେ ବ୍ୟାଖ୍ୟା କରିବା ଦରକାର । ଖାଉଟି ସ୍ପଷ୍ଟ ଭାବେ ଜାଣିବା ଦରକାର କି ଉକ୍ତ ଆପତ୍ତି ଯୋଗୁଁ ସେ ଦ୍ରବ୍ୟଟି ଫେରସ୍ତ କରି ନୂଆ ଦ୍ରବ୍ୟ ନେବ ବା କ୍ଷତିପୂରଣ ପାଇଁ ଦାବି କରିବ । ଅଭିଯୋଗ ସହିତ ବିଲ୍ ବା ଅନ୍ୟ ପ୍ରମାଣ କରୁଥିବା ତଥ୍ୟର ଦଲିଲ ଦେବା ଦରକାର । ଏହି ଦଲିଲ୍ ଅବିକଳ ନକଲ କରି ତିନୋଟି ଦଲିଲ୍ କରାହେବ – ଗୋଟିଏ ଅଭିଯୋଗ କରୁଥିବା ବ୍ୟକ୍ତି ପାଇଁ, ଆଉଗୋଟିଏ ଯାହା ନାମରେ ଅଭିଯୋଗ କରାହୋଇଛି ଓ ଆଉ ଗୋଟେ ଖାଉଟି କୋର୍ଟ ପାଇଁ । କିଛି ସ୍ୱଳ୍ପ ମୂଲ୍ୟ ଚାହିଁବା ଡ୍ରାଫଟ୍ ଆକାରରେ ଅଭିଯୋଗକାରୀକୁ ଜମା କରିବାକୁ ପଡ଼ିଥାଏ ।

ଏହା ଜାଣିବା ଆବଶ୍ୟକ ଯେ ଦ୍ରବ୍ୟର ତ୍ରୁଟି ଚିହ୍ନଟ ହେବାର ଦୁଇ ବର୍ଷ ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ପଡ଼ିଥାଏ । ଏହା ଦ୍ରବ୍ୟ କିଣିଥିବା ତାରିଖ ଉପରେ ନିର୍ଭର କରି ନଥାଏ । ଉକ୍ତ ଖାଉଟି ନିଜେ ବା ନିଜର ପ୍ରତିନିଧି ବା ଚିଠି ବା ଓକିଲ ଦ୍ୱାରା କୋର୍ଟକୁ ପଠେଇପାରିବ । ଯଦି ଅଭିଯୋଗକାରୀର ମୃତ୍ୟୁ ଘଟିଯାଏ ତେବେ ଆଇନଗତ ଉତ୍ତରାଧିକାରୀ କୋର୍ଟକୁ ଯାଇପାରିବ । ତଳ କୋର୍ଟର ନିର୍ଣ୍ଣୟରେ ଯଦି ଅଭିଯୋଗକାରୀ ସନ୍ତୁଷ୍ଟ ନଥାଏ ତେବେ ସେ ଉଚ୍ଚତମ ନ୍ୟାୟଳୟର ଆଶ୍ରୟ ମଧ୍ୟ ନେଇ ପାରିବ କିନ୍ତୁ ତଳ କୋର୍ଟର ନିର୍ଣ୍ଣୟର ୩୦ ଦିନ ମଧ୍ୟରେ ଅଭିଯୋଗ ହୋଇପାରିବ । ଏହା ମଧ୍ୟ ମନେ ରଖିଥିବା ଦରକାର ମିଛ ଅଭିଯୋଗ ଦାୟର କରିବା ପାଇଁ କୋର୍ଟ ଖାଉଟି ଉପରେ ୧୦,୦୦୦ ଟଙ୍କାର ଜୋରିମାନା କରିପାରିବ । ୱେବସାଇଟ୍ ncdrc.nic.in ଏବଂ core.nic.inରେ ତୁମେମାନେ ବର୍ତ୍ତମାନର ଖାଉଟି ନିୟମ ବିଷୟରେ ସୂଚନା ପାଇପାରିବ ।

ଆଜିକାଲିକା ଯୁଗରେ ଇଣ୍ଟରନେଟ୍ ମାଧ୍ୟମରେ ଯୋଗାଯୋଗ ଆମ ଜୀବନର ଏକ ଧାରା ହୋଇଗଲାଣି । ତେଣୁ ଏକ ଲୋକ ନିଜ ଅଭିଯୋଗ ମେଲ୍ ଦ୍ୱାରା କରିପାରିବ । ଏକ ଦ୍ରବ୍ୟର ଇ–ମେଲ୍ ଆଇଡ଼ି ଓ ୱେବସାଇଟି ତାହାର ଉପରସ୍ତରରେ ଛପା ହୋଇଥାଏ ।

## ୨୪.୩.୫ ଅଣସରକାରୀ ସଂସ୍ଥାଗୁଡ଼ିକର ଭୂମିକା

ଯେତେବେଳେ କମ୍ପାନୀ / ଉତ୍ପାଦନକାରୀ / ବା ବିକ୍ରେତା ପ୍ରତାରିତ ହୋଇଥିବା ଉପରୋକ୍ତକୁ ସୁବିଧା ଦେବାରୁ ବଞ୍ଚିତ କରିଥାନ୍ତି ସେତେବେଳେ ଅଣସରକାରୀ ସଂସ୍ଥାଗୁଡ଼ିକର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ । ଅଣସରକାରୀ ସଂସ୍ଥା ଯେପରିକି ଖାଉଟି ଅଭିଯୋଗ (www.consumergrievance.com) ଭାରତର ଖାଉଟି ପରାମର୍ଶ ସମାଜ (www.cgs_india.org), ସାଧାରଣ କାରଣ (www.commoncauseindia.org) ଏବଂ ଖାଉଟି ଫୋରମ୍ (www.consumer.org.in)ରେ ଖାଉଟି ନିଜ ଆପତ୍ତି ଦାୟର କରିପାରିବ । ଅଣସରକାରୀ ସଂସ୍ଥାଗୁଡ଼ିକ କେବଳ କେସ୍ ଦାୟର କରିବାରେ କରେ ନାହିଁ ବରଂ ଅନ୍ୟ କେତେ ଦିଗର ମଧ୍ୟ ସାହାଯ୍ୟ କରିଥାନ୍ତି । ଖାଉଟିମାନଙ୍କୁ ତାଙ୍କ ଅଧିକାର ଓ ଦାୟିତ୍ୱ ବିଷୟରେ ସଚେତନ କରିବା ପାଇଁ NGO's ବିଭିନ୍ନ ଯୋଜନା ହାତକୁ ନେଇଥାନ୍ତି ।

''ଜଗୋ ଗ୍ରାହକ ଜାଗୋ'' ଭଳି ସଂସ୍ଥା ସାହାଯ୍ୟ ମଧ୍ୟ ଜଣେ ନେଇପାରିବ । ପ୍ରାୟ ସବୁ ଖବରକାଗଜରେ ଏହି ବିଷୟରେ ପୂର୍ଣ୍ଣ ସୂଚନା ଦେବାପାଇଁ ବିଜ୍ଞାପନ ବାହାରୁଛି । ଏହାର ୱେବସାଇଟ୍ରୁ ଫର୍ମ ଡାଉନ୍ଲୋଡ କରିହେବ । ବ୍ୟାଙ୍କିଙ୍ଗ୍, ଇନ୍ସୁରାନ୍ସ, କର, ଟେଲିକମ୍ ଜନିତ ସମସ୍ୟା ପାଇଁ କିଛି ୱେବସାଇଟ୍ଗୁଡ଼ିକ ହେଲା –

www.banking_ombudsman.rbi.org.in

www.irdaindia.org

www.incometaxindia.gov.in

www.trai.gov.in

### ୨୪.୩.୬ କେଉଁ କେଉଁ କାରଣ ଯୋଗୁଁ ଅଭିଯୋଗ ଦାୟର କରିହେବ

ଆଇନ୍ ଅନୁସାରେ ସେବା ଦେବାରେ ଅଭାବ ଏକ କାରଣ ଅଭିଯୋଗ ଦାୟର କରିବା ପାଇଁ ''ଅଭିଯୋଗ'' ଶବ୍ଦଟି ସୁଚାଉଥାଏ କୌଣସି ତ୍ରୁଟି, ଅଯଥେଷ୍ଟ, ଦୋଶଯୁକ୍ତ ପ୍ରକୃତି ଓ ବ୍ୟବହାରରେ ପ୍ରଦର୍ଶନ ଯାହାକି ଚୁକ୍ତି ହୋଇଥିବା ସେବାର ଯୋଗାଣ ଅନୁଯାୟୀ ହେବା ଦରକାର । ଭୁଲ୍ କରିଥିବା ବ୍ୟକ୍ତି ନିଜର ତ୍ରୁଟିପୂର୍ଣ୍ଣ ସେବା ଓ ଖରାପ ଦ୍ରବ୍ୟ ସେବା ପାଇଁ କ୍ଷତିପୂରଣ ଦେବାକୁ ପଡ଼ିଥାଏ ।

### ପାଠଗତ ପ୍ରଶ୍ନାବଳୀ ୨୪.୩

୧. ଖାଉଟିମାନଙ୍କର ଅଭିଯୋଗ ନିବାରଣ ପାଇଁ ରାଷ୍ଟ୍ର ଓ ରାଜ୍ୟ ସ୍ତରରେ ହୋଇଥିବା ସରକାରୀ ପରିଷଦର ନାମ ଲେଖ ?

୨. ରାଷ୍ଟ୍ରୀୟ, ରାଜ୍ୟ ଓ ଜିଲ୍ଲାସ୍ତରର ଖାଉଟି କୋର୍ଟର ନାମ ଲେଖ ?

୩. କେତେବେଳେ ଓ କେଉଁ ସମୟରେ ଖାଉଟି କୋର୍ଟରେ ଅଭିଯୋଗ ଦାୟର କରିହେବ ?

## ୨୪.୪ ଖାଉଟି ଅଧିକାର

ଦ୍ରବ୍ୟ ଓ ସେବାର କିଣାକିଣି କରିବା ପାଇଁ ଖାଉଟି ଉପରେ କିଛି ଅଧିକାର ନ୍ୟସ୍ତ କରାଯାଇଅଛି । ସେଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଅଛି ।

### ୨୪.୪.୧ ସୂଚନା ଅଧିକାର

ଏହି ଅଧିକାର ଅନୁଯାୟୀ ବିକ୍ରେତା ଓ ଉତ୍ପାଦନକାରୀମାନେ ନିଜ ଦ୍ରବ୍ୟର ଦର, ଓଜନ, କମ୍ପାନୀ ବ୍ରାଣ୍ଡ, ନିର୍ମାଣ ଦ୍ରବ୍ୟର ଆରମ୍ଭ ଓ ଶେଷ ତାରିଖ, ପ୍ରକୃତି, ଚିହ୍ନ, ଉପାଦାନ, କମ୍ପାନୀ ସହିତ ଯୋଗାଯୋଗ ହେବାପାଇଁ ଇ-ମେଲ ଏବଂ ଏହିଭଳି ଆହୁରି ବହୁତ କିଛି ବିଷୟରେ ଉପଭୋକ୍ତାମାନଙ୍କୁ ଯଥେଷ୍ଟ ଓ ସଠିକ୍ ସୂଚନା ଦେବା ଉଚିତ୍ । ଏହା ଫଳରେ ହିଁ ଉପଭୋକ୍ତାମାନେ ଭଲମନ୍ଦ ଭାବିଚିନ୍ତି ଦ୍ରବ୍ୟ କିଣିପାରିବେ । ସେବା କ୍ଷେତ୍ରରୁ ଏକ ଉଦାହରଣ ଏଠାରେ ଦିଆହୋଇଛି ।

ଏକ ଗ୍ରାହକ ଦିଲ୍ଲୀରୁ ବାଙ୍ଗାଲୋର ଯିବା ପାଇଁ ସର୍ବନିମ୍ନ ଭଡ଼ାରେ ବିମାନ ଖୋଜୁଥିଲା । କିନ୍ତୁ ପ୍ରାୟତଃ ବିମାନ ଭଡ଼ା ୧୪୫୦ ରୁ ଉର୍ଦ୍ଧ୍ୱ ଥିଲା । ତେଣୁ ସେ ୧୫୦୦ ଟଙ୍କା ଯୁକ୍ତ କରର ଭଡ଼ାରେ ଯାତ୍ରା କରିବ ବୋଲି ଟିପ୍ପଣି ନେଲା । କରର ହାର କେତେ ଅଛି ସେହି ବିଷୟରେ ତାହାର କୌଣସି ଧାରଣା ନଥିଲା । ତେଣୁ ଟିକେଟ୍ କିଣିବା ସମୟରେ ସେ ଜାଣିବାକୁ ପାଇଲା ଯେ୧୫୦୦ ଟଙ୍କା ହେଉଛି ମୌଳିକ ଭଡ଼ା ଓ ତାହା ଉପରେ ୩୪୪୫ ଟଙ୍କାର କର ବସିଲେ ପୂର୍ଣ୍ଣ ଭଡ଼ା ହେବ ୪୯୯୫ ଟଙ୍କା ।





ତେଣୁ ବର୍ତ୍ତମାନ ବିମାନ ସଂସ୍ଥା ମୂଳରୁ ହିଁ ବାସ୍ତବିକ ଭଡ଼ା ବିଷୟରେ କ'ଣ ପାଇଁ କହିଲେ ନାହିଁ ? ତେଣୁ କ'ଣ ପାଇଁ ସେମାନେ ଖାଉଟିଙ୍କୁ ବାଟବଣା କଲେ, ଯାହାଫଳରେ ସେମାନଙ୍କୁ ପ୍ରଥମେ ଜାଣିଥିବା ଭଡ଼ାର ତିନିଗୁଣ ଦେବାକୁ ପଡ଼ିଥାନ୍ତା ? ତେଣୁ ଏଭଳି ସେବା ଯୋଗଣ କ୍ଷେତ୍ରରେ ତୁମମାନଙ୍କୁ ସତର୍କ ହେବାକୁ ପଡ଼ିବ, କାରଣ ସେମାନେ ସୂଚନାର କିଛି ଭାଗ ଗୁପ୍ତ ରଖିକି ପଛରେ ଗ୍ରାହକମାନଙ୍କୁ ହଇରାଣ କରିଥାନ୍ତି ।

## ୨୪.୪.୨ ଚୟନର ଅଧିକାର

ଖାଉଟିମାନେ କେଉଁ ଜିନିଷ କିଣିବେ ଓ କ'ଣ ନ କିଣିବେ ତାଉପରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି । ବେଳେବେଳେ ତୁମେମାନେ କିଛି ସେବା ନେବାପାଇଁ ବା ଦ୍ରବ୍ୟ କିଣିବା ପାଇଁ ଇଚ୍ଛା ନଥିଲେ ମଧ୍ୟ ବାଧ୍ୟ ହୋଇଥାଅ । ଦୋକାନୀ ଏକ ସର୍ତ୍ତ ରଖିଥାଏ ଓ ଗ୍ରାହକ ତାକୁ ମାନିବାକୁ ବାଧ୍ୟ ହୋଇଥାଏ । ତୁମେ ଏକ ଖାଉଟି ହିସାବରେ ନିଜ ଚୟନ ଅଧିକାରରୁ ବଞ୍ଚିତ ହେଲ । ନିମ୍ନରେ ଦିଆଯାଇଥିବା ଏକ ଘଟଣାକୁ ପଢ଼ ।

ସେଚ୍ଛିଲ ଏକ ନୂଆ ଜାଳେଣୀ ଗ୍ୟାସ ସଂଯୋଗ ନେବା ପାଇଁ ଆବେଦନ କଲା । ସେ ଭାବି ନଥିଲା ଯେ ଏହା ଏକ କଷ୍ଟକର ବ୍ୟାପାର ସାବ୍ୟସ୍ତ ହେବ । ସେ ଭାରତ ଗ୍ୟାସ୍ ଟାଙ୍କି ଆଣିବା ପାଇଁ କୁମାରନ୍ ଗ୍ୟାସ୍ ସଂସ୍ଥାକୁ ଗଲା, ଏହା ଭାବି ତାକୁ ୧୫୦୦/- ଟଙ୍କା ଦେବାକୁ ପଡ଼ିପାରେ । ତାହା ନହୋଇ ତାକୁ ବରଂ ୭୦୦୦/- ଟଙ୍କା ଦେବାକୁ ପଡ଼ିଥିଲା । କାରଣ ଏଜେନ୍ସିର ସର୍ତ୍ତ ଅନୁଯାୟୀ ତାକୁ ଗ୍ୟାସ ଟାଙ୍କି ସହିତ ମିଳୁଥିବା ଅନ୍ୟାନ୍ୟ ଜିନିଷ ଯେପରିକି ପ୍ରେସର କୁକର୍, ଗ୍ୟାସ୍ ଲାଇଟର ଓ ସର୍ଫ ପ୍ୟାକେଟ୍ ବାଧ୍ୟତାମୂଳକ କିଣିବାକୁ ପଡ଼ିଲା । ସେଚ୍ଛିଲ ଏହାର ଅଭିଯୋଗ ଖାଉଟି ଅନ୍‌ଲାଇନ୍ ସମ୍ବଳ ଏବଂ ସଶକ୍ତିକରଣ କେନ୍ଦ୍ର ବା Consumer Online Resource and Empowerment (CORE) ରେ ଦାୟର କଲା ଓ କୋର୍ ଉକ୍ତ ସଂସ୍ଥାକୁ ଏହି ବିଷୟରେ ମେଲ ବା ଡାକ ଦ୍ୱାରା ପଠାଇଲା । ଗୋଟିଏ ସପ୍ତାହ ମଧ୍ୟରେ ସେ ୫୦୦୦/- ଟଙ୍କା ଫେରସ୍ତ ପାଇପାରିଲା । ଉପରୋକ୍ତ ଉଦାହରଣ ଆମର ଥିବା ସାଧାରଣ ଧାରଣା ଯେ ଅଭିଯୋଗର ନିବାରଣ ପାଇଁ ଅଧିକ ସମୟ ଓ ଟଙ୍କା ଲାଗେ । କିନ୍ତୁ ଏହା ଭୁଲ୍ ସାବ୍ୟସ୍ତ କଲା । (India infoline News Service, Mumbai.April 2009)

## ୨୪.୪.୩ ସୁରକ୍ଷାର ଅଧିକାର

ବଜାରରେ ମିଳୁଥିବା ବିଭିନ୍ନ ଅପମିଶ୍ରିତ ଦ୍ରବ୍ୟ ଯେପରିକି ଖାଦ୍ୟରେ, ଔଷଧରେ ଯାହାକୁ ଆମ ସ୍ୱାସ୍ଥ୍ୟକୁ ହାନୀକାରକ ହୋଇଥାଏ । ଏହି ଅଧିକାର ଆମ୍ଭମାନଙ୍କୁ ଏହି ଅପମିଶ୍ରଣ ଦ୍ରବ୍ୟ ଯଥା - ଖାଦ୍ୟ, ଔଷଧ, ଇଲୋକ୍ଟ୍ରୋନିକ୍ ଦ୍ରବ୍ୟରୁ ସୁରକ୍ଷା ଦେଇଥାଏ ।

## ୨୪.୪.୪ ପକ୍ଷ ରଖିବାର ଅଧିକାର

ଏହି ଅଧିକାର ଅନୁଯାୟୀ ଏକ ଖାଉଟିଙ୍କୁ ତାର ଅଭିଯୋଗର ଯଥେଷ୍ଟ ମହତ୍ୱ ଉପଯୁକ୍ତ ଫୋରମରେ ଦିଆଯାଇଥାଏ। ଏହି ଅଧିକାର ଭାରତୀୟ ଖାଉଟିମାନଙ୍କୁ ନିଜର ଆପତ୍ତି ଖରାପ ଦ୍ରବ୍ୟ ପାଇଁ ବିଭିନ୍ନ ବିକ୍ରେତା ଓ ଉତ୍ପାଦନକାରୀଙ୍କ ବିରୁଦ୍ଧରେ ସେମାନଙ୍କୁ ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଥାଏ ।

## ୨୪.୪.୫ ଅଭିଯୋଗର ନିବାରଣର ଅଧିକାର

ଉପରୋକ୍ତ ଦିଆହୋଇଥିବା କୌଣସି ପ୍ରକାର ଠକମି ବେଆଇନ୍ ବା ଅନ୍ୟାୟ ହୋଇଥିଲେ ଉକ୍ତ ଖାଉଟି ଏହାର କ୍ଷତିପୂରଣର ଦାବି କରିପାରିବ । ଏହି ବାବଦରେ ଥିବା ବିଭିନ୍ନ କୋର୍ଟ ହସ୍ତକ୍ଷେପ କରି ଖାଉଟିଙ୍କୁ ନ୍ୟାୟ ଦେବେ ।





ନିମ୍ନରେ ଦିଆହୋଇଥିବା ଘଟଣାଟି ଉଲ୍ଲେଖ କରିଛି କିପରି ଏକ ବ୍ୟବସାୟୀ ତାର ଦ୍ରବ୍ୟ ବିକ୍ରି କରିବା ସମୟରେ ତାର ଗ୍ରାହକର ଅଭିଯୋଗର ନିବାରଣର ଅଧିକାରକୁ ଭଙ୍ଗ କରିଛି ।

ଜଣେ ବ୍ୟସ୍ତଥିବା ଡାକ୍ତର ଏକ ଦୋକାନରୁ ଦାମୀ କମ୍ପାନୀର ତିନୋଟି ହଳ ପ୍ୟାଣ୍ଟ ରିହାତି ମୂଲ୍ୟ ୨୦୦୦/– ଟଙ୍କାରେ ଆଣିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଉକ୍ତ ପ୍ୟାଣ୍ଟଗୁଡ଼ିକର ସଫା ହେବା ପୂର୍ବରୁ ରଙ୍ଗ କିଛି ଦିନ ଭିତରେ ଛାଡ଼ିଗଲା । ଡାକ୍ତରଙ୍କର ଅଭିଯୋଗ କରିବାରୁ ଦୋକାନ ଦାୟିତ୍ୱରେ ଥିବା ଲୋକଟି ଏକ ହଳ ପ୍ୟାଣ୍ଟ ନେଇ ତାହାକୁ ଉକ୍ତ କମ୍ପାନୀକୁ ପଠାହେବ ପରୀକ୍ଷା ପାଇଁ ବୋଲି କହିଲା । ଗୋଟିଏ ବର୍ଷ ହେଲାପରେ ମଧ ସେ କମ୍ପାନୀ ଡାକ୍ତର ସହିତ କିଛି ଯୋଗାଯୋଗ କଲା ନାହିଁ କି ସେହି ପ୍ୟାଣ୍ଟକୁ ଫେରସ୍ତ କଲା ନାହିଁ ।

ଡାକ୍ତର କ'ଣ ନିଜର ଟଙ୍କା ଓ ପ୍ୟାଣ୍ଟ କିଣିଥିବାରୁ ଯେଉଁ ଅସୁବିଧାର ସମ୍ମୁଖୀନ ହେଲେ ତାହା ପାଇଁ କ୍ଷତିପୂରଣ ଦାବି କରିବା କଥା ନୁହେଁ ? ଡାକ୍ତରଙ୍କର ଏକ ଖାଉଟି ହିସାବରେ ଅଭିଯୋଗ ନିବାରଣ କରିବାର ପୂର୍ଣ୍ଣ ଅଧିକାର ଅଛି ।

## ୨୪.୪.୬ ଖାଉଟି ଶିକ୍ଷାର ଅଧିକାର

ଏହାର ଅର୍ଥ ହେଉଛି ଖାଉଟିମାନଙ୍କ ପାଇଁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସୂଚନା ପାଇବାର ଖାଉଟିର ଅଧିକାର ଅଛି । ଏହାଦ୍ୱାରା ଜିନିଷ କିଣିବା ପୂର୍ବରୁ ଓ ପରେ ଉଚିତ୍ ନିର୍ଣ୍ଣୟ ନେଇ ହେବ । ଖାଉଟି ସୁରକ୍ଷା ସମ୍ବନ୍ଧୀୟ ସୂଚନା ସରକାରୀ ବିଭାଗ ଓ ଅଣସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଛି । ଏହା ସାହାଯ୍ୟରେ ଦ୍ରବ୍ୟ କିଣିବା ପାଇଁ ଖାଉଟି ସଠିକ୍ ନିର୍ଣ୍ଣୟ ନେଇପାରିବ । ଜନସାଧାରଣମାନଙ୍କର ହାତରେ ବିଭିନ୍ନ ଟ୍ରେଡମାର୍କ ଓ ଲୋଗୋ ଯେପରିକି ISI, AGMARK, BIS ଇତ୍ୟାଦି ଚିହ୍ନ ଶିକ୍ଷାଗତ ସଚେତନ କରାଉଛି ଓ ଉଚିତ୍ ବା ସଠିକ୍ ଜିନିଷ ଉପରେ ଜ୍ଞାନ ପ୍ରଦାନ କରୁଛି ।

## ପାଠଗତ ପ୍ରଶ୍ନାବଳୀ ୨୪.୪

ନିମ୍ନରେ ଦିଆଯାଇଥିବା ବିଭିନ୍ନ ଅଭିଯୋଗ ପାଇଁ ଉପଯୁକ୍ତ ଖାଉଟି ଅଧିକାରକୁ ଚିହ୍ନଟ କର ।

୧. ଏକ ଲୋକ ଅସୁସ୍ଥ ହୋଇପଡ଼େ ଏକ ପ୍ୟାକେଟ୍ ଖାଦ୍ୟ ଖାଇସାରିଲା ପରେ ।

୨. ଜଣେ ବିକ୍ରେତା ତାହାର ଅନ୍ୟ ଦ୍ରବ୍ୟଗୁଡ଼ିକ ନଦେଖାଇ, ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଦ୍ରବ୍ୟ କିଣିବା ପାଇଁ ବାଧ କଲେ ।

୩. ସମିର ଏକ କମ୍ପ୍ୟୁଟର କିଣିବା ପାଇଁ ଉଚ୍ଛୁକ ଥିବାରୁ ଏହା ଜନିତ ସବୁ ସୂଚନା ବିକ୍ରେତାଠାରୁ ଚାହିଁବ ।

୪. ଏକ ବିକ୍ରେତା ରେଖାକୁ ଠକିଲା ଏବଂ ତେଣୁ ସେ ଏକ ଅଭିଯୋଗ ଦାୟର କରିବା ପାଇଁ ଚାହୁଁଛି ।

୫. ଏକ ସ୍ଥାନୀୟ ଚିକିତ୍ସାଳୟର ଭୁଲ ରୋଗ ନିର୍ଣ୍ଣୟ ଯୋଗୁଁ ରେସ୍ମାକୁ ୨ ଲକ୍ଷ ଟଙ୍କା ଅଯଥା ଖର୍ଚ୍ଚ କରିବାକୁ ପଡ଼ିଥିଲା । ଏହାର କ୍ଷତିପୂରଣ ଦାବି କରି ରେସ୍ମା ଜିଲ୍ଲା ଖାଉଟି ଫୋରମ୍‌କୁ ଯାଇଥିଲା ।

୬. ତୁମେ ଦିଲ୍ଲୀ ସରକାରଙ୍କର ଖାଉଟି ସୁରକ୍ଷା ପାଇଁ ଥିବା ବିଭାଗକୁ ଅନୁରୋଧ କରିଛ ଖାଉଟି ସୁରକ୍ଷା ଆଇନ୍ ଉପରେ ଏକ ବହି ଦେବା ପାଇଁ ।





## ୨୪.୫ ଖାଉଟିମାନଙ୍କର ଦାୟିତ୍ୱ

ଖାଉଟିମାନଙ୍କର ଶିକ୍ଷା କେବଳ ଖାଉଟି ଅଧିକାର ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ଆମକୁ ଖାଉଟିମାନଙ୍କର ଦାୟିତ୍ୱ ଓ କିଭଳି ସଚ୍ଚୋଟ ଓ ଆନ୍ତରିକତା ସହିତ କାର୍ଯ୍ୟକାରୀ କରାହେବ ଶିଖାଇଥାଏ ।

### ୨୪.୫.୧ ବିଜ୍ଞାପନକୁ ସାମ୍ନା କରିବା

ବିଜ୍ଞାପନ ଆମ ଦୈନଦିନ ଜୀବନର ଏକ ଅବ୍ୟବଚ୍ଛେଦ୍ୟ ଅଙ୍ଗ ହୋଇଗଲାଣି । ଆମେ ଚାହିଁଲେ ମଧ ଏହାଠାରୁ ଦୂରେଇ ରହିପାରିବା ନାହିଁ । କମ୍ପାନୀମାନେ ନିଜ ଦ୍ରବ୍ୟକୁ ଆଖି ଦୃଶିଆ କରିବା ପାଇଁ ବିଭିନ୍ନ ଆକର୍ଷିତ ତରିକାରେ ବିଜ୍ଞାପନ କରୁଛନ୍ତି । ନିଜ ଦ୍ରବ୍ୟ ବହୁ ପରିମାଣରେ ବିକ୍ରି କରିବା ପାଇଁ କେବଳ ଅଧା ସୂଚନା ଦ୍ରବ୍ୟ ବିଷୟରେ ଦେଉଛନ୍ତି ଓ ଆଉ ଅଧା ଗୁପ୍ତ ରଖୁଛନ୍ତି । ଏହିଭଳି ବିଜ୍ଞାପନରୁ ଖାଉଟିମାନଙ୍କୁ ସତର୍କ ରହିବା ଦରକାର । ପିଲାମାନେ ଯେହେତୁ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ସେମାନଙ୍କୁ ଉଚିତ୍ ପରାମର୍ଶ ଦେବା ଉଚିତ୍ ।

### ୨୪.୫.୨ ସ୍ୱୀକୃତିପ୍ରାପ୍ତ ଗୁଣ ସମ୍ପନ୍ନ ଦ୍ରବ୍ୟ କ୍ରୟ

ବିଭିନ୍ନ ପରିଚିତ ସଂସ୍ଥାଠାରୁ ସ୍ୱୀକୃତୀପ୍ରାପ୍ତ ଦ୍ରବ୍ୟଗୁଡ଼ିକ ହିଁ ଭଲ ଗୁଣମାନର ଅଟନ୍ତି । ତେଣୁ ଏହା କିଣିବା ସୁରକ୍ଷିତ ଅଟେ । ଉଦାହରଣ ସ୍ୱରୂପ – ଭାରତୀୟ ମାନ ଅନୁଷ୍ଠାନ Indian Standard Institute (ISI) BIS ବିଭିନ୍ନ ଖାଉଟି ଦ୍ରବ୍ୟକୁ ପରୀକ୍ଷା କରିଥାଏ । ଯଦି ଦ୍ରବ୍ୟଗୁଡ଼ିକ ଉଚିତ୍ ମନେହୁଏ ତେବେ ହିଁ ଏହା ଉପରେ ISI ଚିହ୍ନ ଦିଆଯାଏ । ବିଭିନ୍ନ ଖାଦ୍ୟ ଦ୍ରବ୍ୟର ଭଲଗୁଣର ସ୍ୱୀକୃତି AGMARK ଚିହ୍ନରୁ ଜଣାପଡ଼ିଥାଏ । ତେଣୁ ଖାଉଟିମାନେ ସବୁବେଳେ ISI ଚିହ୍ନ ଓ AGMARK ଚିହ୍ନ ଥିବା ଦ୍ରବ୍ୟକୁ ହିଁ ବାଛିବା ଦରକାର ।

ଆଉ ଏକ ମହତ୍ୱପୂର୍ଣ୍ଣ ଜିନିଷ ହେଲା ଖାଦ୍ୟ ଓ ଔଷଧ ଦ୍ରବ୍ୟ କିଣିବା ପୂର୍ବରୁ ଏହାର ନିର୍ମାଣ ତାରିଖ ଓ ନିର୍ଦ୍ଧାରିତ ଶେଷ ତାରିଖ ଦେଖିବା ଦରକାର ।

### ୨୪.୫.୩ କିଣିବା ସମୟରେ ବିଲ୍ ମାଗିବା କଥା

ପ୍ରତ୍ୟେକ ଖାଉଟି ଦ୍ରବ୍ୟ କିଣି ସାରିବା ପରେ ବିଲ୍ ମାଗିବା ଜରୁରୀ । ତୁମ କିଣାକିଣିର ପ୍ରମାଣ ହେଉଚି ବିଲ୍ ଏବଂ ଏହା ସାହାଯ୍ୟରୁ ହିଁ କ୍ଷତିଗ୍ରସ୍ତ ଖାଉଟି ଅଭିଯୋଗର ନ୍ୟାୟ ପାଇପାରିବ । ଯେହେତୁ ଏକ ବିକ୍ରେତା ବାଧହୋଇ କରର ପରିମାଣ ବିଲ୍‌ରେ ଲେଖିଲେ ଖାଉଟିମାନେ ନିଶ୍ଚିତ ହୋଇଯିବେ ଯେ ଉକ୍ତ ଦ୍ରବ୍ୟର କର ତାଙ୍କୁ ସରକାରଙ୍କର ପାଖକୁ ଗଲା । ଏହି କାର୍ଯ୍ୟ ଦ୍ୱାରା ଗ୍ରାହକ ଏକ ଦାୟୀତ୍ୱବାନ ନାଗରିକ ବୋଲି ଜଣାଯିବ ।

### ୨୫.୫.୪ ଏକ ସବୁଜ ଖାଉଟି ହେବା

ଏକ ଖାଉଟି ସେହି ସବୁ ଦ୍ରବ୍ୟର ଉପଭୋଗ କରିବା ଉଚିତ୍ ଯାହା ଆମ ପରିବେଶକୁ କ୍ଷତି କରିବ ନାହିଁ । ପ୍ଲାଷ୍ଟିକ ଜରି ଏକ ଉଦାହରଣ, ଯାହା ଆମ ପରିବେଶକୁ ବହୁତ କ୍ଷତି କରିଥାଏ । ତେଣୁ ଜୈବ ପଦାର୍ଥ ଦ୍ୱାରା ସଢ଼ି ଅବକର୍ଷିତ ହୋଇପାରୁଥିବା ଦ୍ରବ୍ୟଗୁଡ଼ିକୁ ହିଁ ଲୋକମାନଙ୍କର ବ୍ୟବହାର କରିବା କଥା । ସେହିଭଳି ଲୋକମାନେ ଇଲେକ୍‌ଟ୍ରିସିଟି, ଗ୍ୟାସ୍ ଇତ୍ୟାଦି ଭାବିଚିନ୍ତି ଖର୍ଚ୍ଚ କଲେ ଏହାର ସଞ୍ଚୟ କରିପାରିବେ । ବିଭିନ୍ନ ସହରରେ ହେଉଥିବା ଯାନବାହନ ଯୋଗୁଁ ପ୍ରଦୂଷଣ ପାଇଁ ମଧ ଲୋକମାନେ ହିଁ ଦାୟୀ । ତେଣୁ ସରକାର ଯାନବାହନ ପ୍ରଦୂଷଣ ବିହିନ ବ୍ୟବସ୍ଥାରେ ବ୍ୟବହାର କରିବେ ଯାହା ପରିବେଶକୁ କମ୍ ଦୂଷିତ କରୁଥିବ ।





## ୨୪.୫.୫ ଖାଉଟିମାନେ ପରିଚାଳକ

ଖାଉଟିମାନେ ସବୁ ଏକତ୍ର ହୋଇ ଏକ ଗାଁ ଭଳି ହୋଇ ନିଜପାଇଁ ମୌଳିକ ଆବଶ୍ୟକତା ଯେପରି ପିଇବା ପାଣି, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦିର ବ୍ୟବସ୍ଥା କରିପାରିବେ । ସେବା ପହଞ୍ଚେଇବା କାମ ସରକାର ହିଁ ପରିଚାଳନା କରିଥାଆନ୍ତି । କିନ୍ତୁ ଦକ୍ଷତା ସହିତ ସେବା ନ ପହଞ୍ଚେଇବାରୁ ସରକାରୀ ବିଭାଗଗୁଡ଼ିକୁ ବାରମ୍ବାର ଦୋଷ ଦେଇଆସୁଛି । ତେଣୁ ଖାଉଟିମାନେ ନିଜେ ସମସ୍ତେ ଏକତ୍ର ହୋଇ ଏହିସବୁ ସେବାର ବ୍ୟବସ୍ଥା କରିପାରିବେ। ଏହି ନିମ୍ନରେ ଦିଆହୋଇଥିବା ଗଳ୍ପଟିକୁ ପଢ଼ ।

> **ଖାଉଟି ପରିଚାଳନା ହିସାବରେ**
> **(ଗୁଜରାଟର ଏକ ସତ୍ୟ ଘଟଣା)**
>
> ଗୁଜୁରାଟର ୧୩୦୦୦ରୁ ଅଧିକ ଗାଁ ‘‘ପାଣି ସମିତି’’ ଅଛି ଯେଉଁମାନେକି ଗାଁ ସ୍ତରରେ ସେବା ଯୋଗାଇବାର ପରିଚାଳନା କରୁଛନ୍ତି । ଏହି ଗାଁ ‘‘ପାଣି ସମିତି’’ ଗ୍ରାମ ସଭାରେ ଖାଉଟିମାନଙ୍କ ଦ୍ୱାରା ଗଠନ ପରାଯାଇଥାଏ । ସେମାନେ ଜଳଯୋଗାଣ ସେବା ପ୍ରତି ପରିବାରବର୍ଗ ସ୍ତର ପର୍ଯ୍ୟନ୍ତ ନିଜର ସ୍ଥିତି ଗାଁ ବ୍ୟବସ୍ଥାକୁ ହିଁ ପରିଚାଳନା କରିଥାନ୍ତି ଏବଂ ଦୃଢ଼ ଭାବରେ ଏହାର ଦାୟିତ୍ୱ ବହନ କରିଥାନ୍ତି । ସେମାନେ ପାଣିର ଯାଞ୍ଚ କରିଥାନ୍ତି ଓ ଭଲ ପାଣିର ଯୋଗାଣ କରିଥାନ୍ତି । ଲୋକମାନଙ୍କୁ ପରିଚାଳକ ଭାବେ ନିଯୁକ୍ତ କରିବା ଦ୍ୱାରା ଜଳ ଯୋଗାଣର ବ୍ୟୟ ହ୍ରାସ ହୋଇଛି ଓ ଠିକ୍ ସମୟରେ ଦକ୍ଷ ଭାବରେ ଜଳ ପହଞ୍ଚି ପାରୁଛି । ଏହାଦ୍ୱାରା ଜଳ ଯୋଗାଣ ବ୍ୟବସ୍ଥାର ମରାମତି ଦକ୍ଷତା ପୂର୍ବକ ହୋଇପାରୁଛି, ଜଳ ସମ୍ବଳର ଉଚିତ୍ ବ୍ୟବହାର, ଧାରଣୀୟ ଜଳ ସମ୍ବଳ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ଯେପରିକି ‘‘ଚେକ୍ ଡ୍ୟାମ୍’’, ପୋଖରୀ, ଭୂଗର୍ଭସ୍ତର ଜଳସେଚନ ପାଇଁ, ଯାହାଦ୍ୱାରା ସେହି ନିର୍ଦ୍ଦିଷ୍ଟ ଯାଗାର ଜଳ ସମ୍ବଳର ସଞ୍ଚୟ ହେଉଛି ।

ଭାରତ ଭଳି ଏକ ବିଶାଳ ଦେଶର ଖାଉଟି ହିସାବରେ ନିଜ ସରକାରଙ୍କ ପାଇଁ ଛିଡ଼ା ହେବାର ଦାୟିତ୍ୱ ଅଛି । ତୁମେ ନିଜ ସ୍ଥାନୀୟମାନଙ୍କର ସହିତ ହାତଯୋଡ଼ି ପାଣି, ଇଲେକ୍‌ଟ୍ରିସିଟି, ପରିମଳ ଇତ୍ୟାଦିର ବ୍ୟବସ୍ଥା ନିଜ ଗାଁର ଗ୍ରାମସଭାର ସଦସ୍ୟ ସହିତ ମିଶି ପାରିବ । ଏହାଦ୍ୱାରା ତୁମେ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିବ ।

## ୨୪.୬ ଭାରତରେ ଖାଉଟି ଆନ୍ଦୋଳନର ମୁଖ୍ୟ ଆହ୍ୱାନ

ଉଦାରୀକରଣ ଓ ଜଗତୀକରଣ ଫଳରେ ଭାରତର ଗ୍ରାମାଞ୍ଚଳରେ ମଧ୍ୟବିତ୍ତ ଓ ଉଚ୍ଚସ୍ତରୀୟ ଲୋକଙ୍କର ଆୟ ବୃଦ୍ଧି ପାଇଛି । ଆମ ଗ୍ରାମାଞ୍ଚଳର ବଜାର ବିସ୍ତୃତ ହେବା ଯୋଗୁଁ ଏଠାକୁ ବହୁତ କମ୍ପାନୀ ସେମାନଙ୍କର ଦ୍ରବ୍ୟ ବିକ୍ରୟ କରୁଛନ୍ତି । ଖାଉଟି ଆନ୍ଦୋଳନକୁ ସଫଳ କରିବା ପାଇଁ ହେଲେ ଏଠାର ଲୋକମାନଙ୍କୁ ଶିକ୍ଷିତ କରିବା ଦରକାର । ଭାରତର ଜନସଂଖ୍ୟା ନା କେବଳ ବହୁଳ ବରଂ ଏହାର ସଂସ୍କୃତିରେ ମଧ୍ୟ ବିଭିନ୍ନତା ଦେଖାଯାଇଥାଏ ଏବଂ ବହୁ ସଂଖ୍ୟାର ନିରକ୍ଷରତା ମଧ୍ୟ ଦେଖାଯାଇଥାଏ । ତେଣୁ ଖାଉଟି ସଚେତନତା କରିବା ଏକ କଷ୍ଟକର ବ୍ୟାପାର । ଗ୍ରାମ୍ୟ ଖାଉଟିମାନେ ନିକୃଷ୍ଟ ବ୍ରାଣ୍ଡ, ବିନା ୱାରେଣ୍ଟି ଦ୍ରବ୍ୟ, ଅନୁଗାମୀ, ଦ୍ରବ୍ୟର ବହୁଳତା ଆଦିର ଅଭାବର ଶିକାର ହୋଇଥାଆନ୍ତି । ଏହା ଧୀରେ ଧୀରେ କାର୍ଯ୍ୟକାରୀ ହେଉଅଛି ଏବଂ ଆହୁରି ବହୁତ କିଛି ଏହି ଦିଗରେ କରିବା ପାଇଁ ଅଛି । ଦୁଇଟି ମୁଖ୍ୟ ଚିନ୍ତା ହେଉଛି (୧) ଭାରତର ଗ୍ରାମାଞ୍ଚଳରେ ଖାଉଟି ସଚେତନତା ପ୍ରସାର (୨) ସମୟ ଭିତରେ ନ୍ୟାୟ ପହଞ୍ଚାଇବା । ଏହିଗୁଡ଼ିକ ସଂକ୍ଷିପ୍ତରେ ଆଲୋଚନା କରିବା ।

## ୨୪.୬.୧ ଭାରତରେ ଗ୍ରାମ୍ୟ ଖାଉଟି ସଚେତନତା

ଜଗତୀକରଣ ଓ ଉଦାରୀକରଣ ଯୋଗୁଁ ଗାଁ ଭିତରେ ମଧ୍ୟସ୍ତର ଓ ଉଚ୍ଚସ୍ତର ଆୟର ଜନସଂଖ୍ୟାରେ ବୃଦ୍ଧି ଘଟିଛି । ଏହାଦ୍ୱାରା ଆମର ଗ୍ରାମାଞ୍ଚଳ ବଜାରର ମଧ ପ୍ରସାରଣ ହୋଇଛି । ତେଣୁ କମ୍ପାନୀମାନେ ନିଜେ ଦ୍ରବ୍ୟ ନେଇ ଗାଁମାନଙ୍କୁ ମଧ ଆସୁଛନ୍ତି । କିନ୍ତୁ ଭାରତର ଗାଁ ଗହଳିରେ ଅନେକ ଅସଚେତନ, ନିରୀହ, ନିରକ୍ଷର ଓ ଗରିବ ଲୋକ ବାସ କରନ୍ତି । ଏମାନେ ନିର୍ମାଣକାରୀ, ବ୍ୟବସାୟୀଙ୍କ ଦ୍ୱାରା କବଳିତ ହୋଇ କ୍ଷତିଗ୍ରସ୍ତ ହୁଅନ୍ତି । ଅସଲ ଜିନିଷ ବଦଳରେ ନକଲି ଦ୍ରବ୍ୟ, ଖାଦ୍ୟ ଅପମିଶ୍ରଣ, ଓଜନରେ ଠକେଇ, ନିମ୍ନମାନର ଦ୍ରବ୍ୟ ଓ ଏହି ଭଳି ଅନ୍ୟାନ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସେଥିପାଇଁ ଗ୍ରାମାଞ୍ଚଳରେ ଖାଉଟି ସୁରକ୍ଷା ଆନ୍ଦୋଳନର ଆବଶ୍ୟକତା ଅନୁଭୂତ ହୁଏ ।

## ୨୪.୬.୨ ସମୟସୀମା ଭିତରେ ନ୍ୟାୟ ପ୍ରଦାନ

ତୁମେ ଜାଣିଛ ଯେ ବିଳମ୍ବିତ ନ୍ୟାୟ ପ୍ରଦାନ, ନ୍ୟାୟ ନଦେବା ସହ ସମାନ ଅଟେ । ଖାଉଟି ନ୍ୟାୟାଳୟଗୁଡ଼ିକ ହେଉଛି ଅର୍ଦ୍ଧନ୍ୟାୟିକ ସଂସ୍ଥା ଯାହାକି ଅଭିଯୋଗଗୁଡ଼ିକର ତତ୍‌କ୍ଷଣାତ୍ ଫଇସଲା ପାଇଁ ସରଳ କିନ୍ତୁ ପୂର୍ଣ୍ଣାଙ୍ଗ ପଦ୍ଧତି ଅନୁସରଣ କରିଥାଆନ୍ତି । କିନ୍ତୁ ବିଚାର ପକାଇବାରେ ବାରମ୍ବାର ସ୍ଥଗିତତା, ରାଜ୍ୟ ସରକାରଙ୍କର ପକ୍ଷରୁ ବିଚାରପତି ନିଯୁକ୍ତିରେ ବିଳମ୍ବ ଏବଂ ବହୁ ଅଦରକାରୀ ବ୍ୟବସାୟିକତା ଯୋଗୁଁ ଖାଉଟିମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଳମ୍ବ ଘଟିଥାଏ । ପ୍ରାୟତଃ ଏହି ବିଳମ୍ବ ଆଇନର ମୂଳ ଉଦ୍ଦେଶ୍ୟକୁ ହରଣ କରିନିଏ ।

ନିମ୍ନରେ ଦିଆହୋଇଥିବା ଏହି ଘଟଣାଟିକୁ ପଢ଼ ଯାହା ଏହି ତଥ୍ୟର ସତ୍ୟତା ଅନୁପ୍ରଦାନ କରୁଛି । ନିକୃଷ୍ଟମାନର ଶଙ୍କର ଜାତୀୟ କପା ବିହନ ଯୋଗୁଁ ୧୯୯୩ ମସିହାରେ ହୋଇଥିବା ଅମଳଜନିତ କ୍ଷତି ଯୋଗୁଁ ମହାରାଷ୍ଟ୍ରର ୧୩୦ ଜଣ ଚାଷୀ କ୍ଷତିପୂରଣ ପାଇବା ନିମନ୍ତେ ମକଦ୍ଦମା ଦାୟର କରିଥିଲେ । ଶେଷରେ ସେମାନେ ଉକ୍ତ ମାମଲାରେ ଜିତିଲେ କିନ୍ତୁ ଏହା ମଧ୍ୟରେ ୧୪ ବର୍ଷ ବିତିଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ଦଶଜଣ ଚାଷୀ ମୃତ୍ୟୁବରଣ କରିସାରିଥିଲେ ।

ସରକାର ଏଭଳି ବିଳମ୍ବକୁ ସୁଧାରିବା ପାଇଁ ୨୦୦୩ ମସିହାରେ ଖାଉଟି ସୁରକ୍ଷା ଆଇନ (CPA)ରେ ପରିବର୍ତ୍ତନ କଲେ । ଏହା ଫଳରେ ଖାଉଟି ନ୍ୟାୟଳୟଗୁଡ଼ିକ କେବେହେଲେ ସ୍ଥଗିତ ଆଦେଶ ଦେଇପାରିବେ ନାହିଁ । ଯଦିବା କେତେବେଳେ କିଛି ବିଶେଷ କ୍ଷେତ୍ରରେ ଏହା ଦେବାକୁ ହୁଏ ସଂପୃକ୍ତ ନ୍ୟାୟଧିକାରୀଙ୍କୁ ଏହାର ଉପଯୁକ୍ତ ବା ନିର୍ଦ୍ଦିଷ୍ଟ କାରଣ ସହ ଲିପିବଦ୍ଧ କରିବାକୁ ପଡ଼ିବ ।

## ପାଠଗତ ପ୍ରଶ୍ନାବଳୀ ୨୪.୫

୧. ନିମ୍ନରେ ଦିଆଯାଇଥିବା ଘଟଣାରେ ତୁମେ ଏକ ଦାୟିତ୍ୱବାନ୍ ଖାଉଟି ହିସାବରେ କ'ଣ କରିବ ।

(କ) ବିଭିନ୍ନ ବ୍ରାଣ୍ଡର ମିଳୁଥିବା ଇଲେକ୍‌ଟ୍ରି ଆଇରନ୍‌ରୁ ଏକ ଆଇରନ୍ କିଣିଲାବେଳେ ।

(ଖ) ତୁମେମାନେ ପାଉଁରୁଟି ଓ ଫଳ ଜାମ୍ କିଣୁଛ ।

(ଗ) ବିକ୍ରେତା ତୁମର ଦ୍ରବ୍ୟଗୁଡ଼ିକୁ ଏକ ପଲିଥିନ୍ ପ୍ୟାକେଟରେ ଦେଲା ।

୨. ଖାଉଟିମାନଙ୍କର ଆପତ୍ତିର ନ୍ୟାୟ ଦେବା ପାଇଁ ହେଉଥିବା ବିଳମ୍ବର ଦୁଇଟି କାରଣ ଦିଅ ?

## ତୁମେ କ'ଣ ଶିଖିଲ

- ଖାଉଟି ସଚେତନତା କହିଲେ କିଣୁଥିବା ଦ୍ରବ୍ୟ ଉପରେ ଜ୍ଞାନ, ତା ସହିତ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏବଂ ଖାଉଟିର ଅଧିକାର ଓ ଦାୟିତ୍ୱକୁ ବୁଝାଉଥାଏ ।
- ଖାଉଟି ସଚେତନତାର ଆବଶ୍ୟକତା ଅନୁଭୂତ ହୁଏ ବିଭିନ୍ନ କାରଣରୁ – ଯେପରିକି ନିମ୍ନମାନର ଦ୍ରବ୍ୟ ଓ ସେବାର ବିକ୍ରି, ବିଲ୍ ନଦେଇ ବିକିବା, ବିଜ୍ଞାପନ ଦ୍ୱାରା ଭୁଲ ତଥ୍ୟ ଦେବା, ଦ୍ରବ୍ୟ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ନଥିବାରୁ ଓ ପରିବେଶର ପ୍ରଦୂଷଣ ଅଯଥା ଉପଭୋଗ ଯୋଗୁଁ ।
- ଖାଉଟିମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ ଆଇନ୍ ଓ ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠାନମାନଙ୍କୁ ଖାଉଟି ଅଭିଯୋଗ ନିବାରଣ ବ୍ୟବସ୍ଥା କୁହାଯାଇଥାଏ ।
- ଖାଉଟିମାନଙ୍କର ଉପକାର ପାଇଁ ଖାଉଟି ସୁରକ୍ଷା ଆଇନ (CPA) ପ୍ରଣୟନ କରାଯାଇଛି ଯାହାକି ସବୁଠାରୁ ମହତ୍ୱପୂର୍ଣ୍ଣ ଆଇନ୍ ଅଟେ ।
- ବିଭିନ୍ନ ସରକାରୀ ଅନୁଷ୍ଠାନ ଖାଉଟିମାନଙ୍କ ସୁରକ୍ଷା ପାଇଁ ଅଛି ଯଥା – ଜାତୀୟସ୍ତରରେ କେନ୍ଦ୍ର ଖାଉଟି ସୁରକ୍ଷା ପରିଷଦ, ରାଜ୍ୟସ୍ତରରେ ହେଉଛି ରାଜ୍ୟ ଖାଉଟି ସୁରକ୍ଷା ପରିଷଦ । ଅଣସରକାରୀ ସଂସ୍ଥା ମଧ୍ୟ ସାହାଯ୍ୟ ଯୋଗାଇଥାନ୍ତି ।
- ଭାରତରେ ଖାଉଟିମାନଙ୍କର ଅଭିଯୋଗର ନିବାରଣ କରିବା ପାଇଁ ତିନୋଟି ସ୍ତର ଅଛି ଯଥା – ନିମ୍ନସ୍ତରରେ ଜିଲ୍ଲା ଖାଉଟି ଫୋରମ୍, ମାଧ୍ୟମିକସ୍ତରରେ ରାଜ୍ୟ ଖାଉଟି ବିବାଦ ନିବାରଣ କମିଶନ୍ ଓ ଉଚ୍ଚସ୍ତରରେ ଅଛି ରାଷ୍ଟ୍ରୀୟ ଖାଉଟି ବିବାଦ ନିବାରଣ କମିଶନ ।
- ଦ୍ରବ୍ୟ କିଣିଥିବାର ଦୁଇ ବର୍ଷ ମଧ୍ୟରେ, ବିଲ୍ ସାହାଯ୍ୟରେ ପ୍ରତାରିତ ବା କ୍ଷତି ହୋଇଥିବା ଖାଉଟି ନିଜେ ବା ନିଜର ଏକ ପ୍ରତିନିଧି ବା ଓକିଲ ବା ଚିଠି ମାଧ୍ୟମରେ ନିଜର ଅଭିଯୋଗର ଦାୟର କରିପାରିବେ । ଏହା ପାଇଁ କିଛି ସ୍ୱଳ୍ପ ମୂଲ୍ୟ କୋର୍ଟକୁ ଦେବାକୁ ପଡ଼ିଥାଏ ।
- ଭାରତର ଖାଉଟି ଅଧିକାର କହିଲେ – ସୂଚନା ଅଧିକାର, ସୁରକ୍ଷାର ଅଧିକାର, ଚୟନର ଅଧିକାର, ଶୁଣିବାର ଅଧିକାର, ଶିକ୍ଷାର ଅଧିକାର ଓ ଅଭିଯୋଗ ନିବାରଣର ଅଧିକାରଗୁଡ଼ିକୁ ବୁଝାଏ ।
- ଖାଉଟି ଦାୟିତ୍ୱ କହିଲେ – ବିଜ୍ଞାପନ ଦ୍ୱାରା ବାଟବଣା ହେବା, ସଶକ୍ତିକରଣ ପାଇଁ ପୂର୍ଣ୍ଣ ସୂଚନା ରଖିବା, ନିର୍ମାଣ ତାରିଖ ସ୍ପଷ୍ଟ ରହିବା, ସିଲ୍ ଅଛି କି ନାହିଁ ଓ ତାହା ଉପରେ ଭଲ ପ୍ରକୃତିର ଚିହ୍ନ ଦେଖିବା, ବିଲ୍ ମାଗିବା ଓ ଅଯଥା ଉପଭୋଗ ନକରିବା ଏବଂ ପରିବେଶର ସୁରକ୍ଷା କରିବା ଇତ୍ୟାଦି ।

## ଅନ୍ତିମ ପ୍ରଶ୍ନାବଳୀ

୧. ଖାଉଟି ସଚେତନତା କ'ଣ ପାଇଁ ଆବଶ୍ୟକ ଅଟେ ?

୨. ଏକ ପ୍ରତାରିତ ଖାଉଟି ହିସାବରେ ତୁମେ ତୁମର ଅଭିଯୋଗର ଦାୟର କରିବା ପାଇଁ କ'ଣ କରିବ ?

୩. ଭାରତର ଖାଉଟି ଅଭିଯୋଗ ନିବାରଣର ବ୍ୟବସ୍ଥାକୁ ବର୍ଣ୍ଣନା କର ?

୪. ଖାଉଟି ସୁରକ୍ଷା ଆଇନ୍‌ରେ ଥିବା ବ୍ୟବସ୍ଥାଗୁଡ଼ିକ ଦର୍ଶାଅ ?

୫. ଭାରତରେ ଖାଉଟି ଅଧିକାରଗୁଡ଼ିକୁ ସଂକ୍ଷିପ୍ତରେ ଆଲୋଚନା କର ?

୬. ଖାଉଟିର ଦାୟିତ୍ୱ ହିସାବରେ ତୁମେ କ'ଣ କରିବା ଉଚିତ୍ ?

୭. ଭାରତରେ ଚାଲିଥିବା ଖାଉଟି ଆନ୍ଦୋଳନର ଦୁଇଟି ମୁଖ୍ୟ ଆହ୍ୱାନକୁ ବ୍ୟାଖ୍ୟା କର ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨୪.୧**

୧. ଯଦି କୌଣସି ବ୍ୟକ୍ତି ପୁନଃବାର ବିକ୍ରି କରିବା ପାଇଁ କିଛି କିଣିଥାଏ ତାହାହେଲେ ତାହାକୁ ଖାଉଟି କୁହାଯିବ ନାହିଁ ।

୨. ତ୍ରୁଟିପୂର୍ଣ୍ଣ ଦ୍ରବ୍ୟ ପାଇଁ ଯଦି ଏକ ଖାଉଟି ଅଭିଯୋଗ ଦାୟର କରିବାକୁ ଚାହେଁ ତେବେ କିଣିଥିବା ଦ୍ରବ୍ୟର ବିଲ୍‌କୁ ଏହାର ପ୍ରମାଣ ହିସାବରେ କୋର୍ଟରେ ଦେବାକୁ ପଡ଼ିଥାଏ ଏବଂ ବିଲ୍ ମଧ୍ୟ ସୂଚାଉଥାଏ ଯେ ଦ୍ରବ୍ୟ ଉପରେ ପଡ଼ିଥିବା କର ସରକାରଙ୍କ ପାଖକୁ ଗଲା ।

୩. ମୂଲ୍ୟଯୁକ୍ତ କର

**୨୪.୨**

୧. CPA - Consumer Protection Act, ଖାଉଟି ସୁରକ୍ଷା ଆଇନ୍

ECA - Essential Commodities Act, ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ୍

SWMA - Standard of Weight & Measures Act, ନିର୍ଦ୍ଦିଷ୍ଟ ଦ୍ରବ୍ୟର ମୂଲ୍ୟର ଓଜନ ଓ ପରିମାପକ ଆଇନ

୨. ଭାରତ ଭିତରେ ଏକ କାର୍ଯ୍ୟାଳୟ ଖୋଲିବା ।

**୨୪.୩**

୧. କେନ୍ଦ୍ରୀୟ ଖାଉଟି ସୁରକ୍ଷା ପରିଷଦ ଜାତୀୟ ସ୍ତରରେ ଏବଂ ରାଜ୍ୟ ଖାଉଟି ସୁରକ୍ଷା ପରିଷଦ ରାଜ୍ୟସ୍ତରରେ ।

୨. ରାଷ୍ଟ୍ରୀୟ ଖାଉଟି ବିବାଦ ନିବାରଣ କମିଶନ୍ ରାଷ୍ଟ୍ରୀୟ ସ୍ତରରେ, ରାଜ୍ୟ ଖାଉଟି ନିବାଦ ନିବାରଣ କମିଶନ – ରାଜ୍ୟସ୍ତରରେ ଓ ଜିଲ୍ଲା ଖାଉଟି ଫୋରମ୍ ଜିଲ୍ଲ ସ୍ତରରେ ।





୩. ଦ୍ରବ୍ୟ କିଣିଥିବା ତାରିଖରୁ ଦୁଇ ବର୍ଷ ମଧ୍ୟରେ

୨୪.୪ ୧. ସୁରକ୍ଷାକୁ ଅଧିକାର

୨. ଚୟନ ଅଧିକାର

୩. ସୂଚନା ଅଧିକାର

୪. ଶୁଣିବା ପାଇଁ ଅଧିକାର

୫. ଖାଉଟି ଶିକ୍ଷାର ଅଧିକାର

୨୪.୫ ୧ (କ) ISI ଚିହ୍ନର ଦ୍ରବ୍ୟକୁ ଦେଖିବା

(ଖ) କିଣିବା ଆଗରୁ ନିର୍ଦ୍ଧାରିତ ଦ୍ରବ୍ୟ ଉତ୍ପାଦନର ଶେଷ ତାରିଖ ଦେଖ ।

(ଗ) ପ୍ଲାଷ୍ଟିକ ବ୍ୟାଗ୍ ନଆଣି ତୁଳାର ବା ଛୋଟ ଗାଡ଼ି

୨. ବାରମ୍ୱାର ସ୍ଥଗିତାଦେଶ ଏବଂ ସରକାରଙ୍କ ଦ୍ୱାରା ବିଚାରପତିମାନଙ୍କର ନିଯୁକ୍ତ ବିଳମ୍ୱ ।